READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୭ ସଂଖ୍ୟା-୪ ୬ - ୧୨ ଫେବୃଆରୀ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-4 6th - 12th FEBRUARY, 2023 BHUBANESWAR ₹ 5/- (8 Pages)

## ପୁଣି ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ମୋଦି



**ୱାଶିଂଟନ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ତାଲିକାରେ ଶୀର୍ଷରେ ରହିଛନ୍ତି। ଆମେରିକୀୟ କମ୍ପାନୀ ମର୍ଣ୍ଣିଂ କନ୍ସଲ୍ଟ ସର୍ଭେ ରିପୋର୍ଟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ରେଟିଂ ୭୮% ଦର୍ଶାଯାଇଛି ଯାହାକି ବିଶ୍ୱନେତାଙ୍କ କ୍ଷେତ୍ରରେ ସର୍ବାଧିକ। ପ୍ରଧାନମନ୍ତ୍ରୀ ମୋଦି ଲୋକପ୍ରିୟତା ରେଟିଂରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସମେତ ୧୬ଜଣ ରାଷ୍ଟ୍ରନେତାଙ୍କୁ ପଛରେ ପକାଇ ଦେଇଛନ୍ତି।

# ବିଜେଡିରେ ମିଶିବେ ତାରା !



**ଭୁବନେଶ୍ୱର :** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଜୁ ଜନତା ଦଳରେ ସାମିଲ ହେବାର ସମ୍ଭାବନା ରହିଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟପୁରକୁ ସରକାରୀ ଗସ୍ତ ସମୟରେ ସଭା ମଞ୍ଚରୁ ନବୀନ ପଟ୍ଟନାୟକ ଓ ତାଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କ ଗୁଣଗାନ ସହ ଯେଉଁ କିଛି ଦାବି ସେ ନିଜ ଭାଷଣରେ ରଖିଥିଲେ ତାକୁ ପୂରଣ ଦିଗରେ ସରକାରଙ୍କ ଦ୍ୱାରା ତତ୍କାଳ ପଦକ୍ଷେପ ନିଆଯିବା ଏବଂ ବିଶେଷକରି ବିଜେଡିର ବରିଷ୍ଠ ନେତା ରବି ନାରାୟଣ ନନ୍ଦଙ୍କୁ ମଂଚରୁ ଠେଲି ବିଦା କରାଯିବା ଘଟଣା ହିଁ ତାରାଙ୍କ ବିଜେଡିରେ ମିଶିବା ନିମନ୍ତେ ଚାଲିଥିବା କ୍ଷେତ୍ର ପ୍ରସ୍ତୁତିର ଅଂଶବିଶେଷ ବୋଲି ଚର୍ଚ୍ଚା। ଆଉ ତାରାଙ୍କ ଏଭଳି ଆଭିମୁଖ୍ୟ ପରେ କୋରାପୁଟ କଂଗ୍ରେସରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ କଂଗ୍ରେସ ନେତାମାନେ ଖୋଲାଖୋଲି ଭାବେ ତାରାଙ୍କ ଏଭଳି ଆଭିମୁଖ୍ୟକୁ ନାପସନ୍ଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କୋରାପୁଟ ଗସ୍ତରେ ଯାଇ ପ୍ରାୟ ୧୬୦୦କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ସହ ଜୟପୁର ବିକ୍ରମଦେବ ସ୍ୱୟଂଶାସିତ କଲେଜର ପ୍ଲାଟିନମ ଜୁବୁଲି ଉତ୍ସବରେ ସାମିଲ ହୋଇଥିଲେ। ସାଧାରଣତଃ ଯାହା ମୁଖ୍ୟମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେନି ସେଭଳି ଦୃଶ୍ୟ ପ୍ଲାଟିନମ ଜୁବୁଲି ଉତ୍ସବରେ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସ୍ଥାନୀୟ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ମାତ୍ରାଧିକ ଗୁରୁତ୍ୱ ମିଳିଥିଲା। ତାରା ନିଜ ଭାଷଣରେ ବାରମ୍ବାର ମୁଖ୍ୟମନ୍ତ୍ରୀ ଓ ତାଙ୍କ ବ୍ୟକ୍ତିଗତ ସଚିବ ପାଣ୍ଡିଆନଙ୍କୁ ପ୍ରଶଂସାରେ ପୋତି ପକାଇବା ସହ ବିକ୍ରମଦେବ କଲେଜକୁ ଗୋଟିଏ ଅଡ଼ିଟୋରିୟମ, ଗୁପ୍ତେଶ୍ୱର ମନ୍ଦିରର ଉନ୍ନତିକରଣ, ଦମୟନ୍ତୀ ସାଗର ଓ ଜଗନ୍ନାଥ ସାଗରର ଉଦ୍ଧାର ଆଦି ନିମନ୍ତେ ଦାବି କରିଥିଲେ। ବିକ୍ରମଦେବ କଲେଜରେ ଆବଶ୍ୟକ ଭିତ୍ତିଭୂମି ନଥାଇ ବି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିଜ ଗସ୍ତ ପୂର୍ବରୁ ବିଶ୍ୱବିଦ୍ୟାଳୟ ➤ ପୃ-୬

# ସ୍ୱାସ୍ଥ୍ୟ ଯୋଜନାକୁ ନେଇ ମୁହାଁମୁହିଁ ବିଜେଡି-ବିଜେପି



**ଭୁବନେଶ୍ୱର:** କେନ୍ଦ୍ରୀୟ ବଜେଟରେ ଆୟୁଷ୍ମାନ ଭାରତ ହେଲଥ ସ୍କିମ ପାଇଁ ହୋଇଥିବା ବ୍ୟୟବରାଦକୁ ନେଇ ବିଜେଡି ଓ ବିଜେପି ମୁହାଁମୁହିଁ ହୋଇଛନ୍ତି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆୟୁଷ୍ମାନ ଯୋଜନାରେ କମ୍ ବ୍ୟୟବରାଦ ହୋଇଥିବା ଓ ରାଜ୍ୟ ବିଜେପିକୁ ସମାଲୋଚନା କରିଥିବାବେଳେ ବିଜେଡି ଏକ ସାମ୍ବାଦିକ ସମ୍ମିଳନୀ କରି ବିଏସକେୱାଇ ଓ ଆୟୁଷ୍ମାନ ଭାରତ ଯୋଜନାରେ ଆବଂଟିତ ପାଣ୍ଠିର ତୁଳନାତ୍ମକ ଚିତ୍ର ଦେଇଛି। ଏପଟେ ବିଜେପି ମଧ୍ୟ କଡ଼ା ଜବାବ ଦେଇ ବିଏସକେୱାଇରେ କେତେ ରୋଗୀଙ୍କୁ କେଉଁ ସବୁ ରୋଗ ପାଇଁ ସହାୟତା ମିଳିଛି ତାହା ସାର୍ବଜନୀନ କରିବାକୁ କହିଛି। ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଧାରଣ ସମ୍ପାଦିକା ଶ୍ରୀମୟୀ ମିଶ୍ର ଓ ମୁଖପାତ୍ର ଗୌତମବୁଦ୍ଧ ଦାସ ସିଧାସଳଖ ବିଜେପିକୁ ସମାଲୋଚନା କରି କହିଛନ୍ତି ଯେ, ରାଜ୍ୟ ବିଜେପି ପାଇଁ ସ୍ୱାସ୍ଥ୍ୟ ଏକ ରାଜନୀତିକ ପ୍ରସଙ୍ଗ ହୋଇଥାଇପାରେ କିନ୍ତୁ ବିଜେଡି ପାଇଁ ଏହା ପ୍ରାଥମିକତା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ କରିବାରେ ବିଜେଡି ବିଶ୍ୱାସ କରେ। ଆୟୁଷ୍ମାନ ଯୋଜନାକୁ ନେଇ ରାଜ୍ୟ ବିଜେପି ଯେଉଁ ବାହାସ୍ଫୋଟ ମାରୁଥିଲା ତାହା ଗତକାଲି କେନ୍ଦ୍ରୀୟ ବଜେଟ ଆସିବା ପରେ ଓଡ଼ିଶା ବିଜେପିର ମିଛ ପଦାରେ ପଡ଼ିଯାଇଛି। ଆୟୁଷ୍ମାନ ଯୋଜନା ପାଇଁ କେନ୍ଦ୍ରର ୭୨୦୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ହିସାବ କଲେ ➤ ପୃ-୬

### ରେଳ କ୍ଷେତ୍ରରେ ଓଡ଼ିଶାକୁ ଅର୍ଥ ଅଜାଡି ଦେଲା କେନ୍ଦ୍ର

# ମାଗିଥିଲେ ୮୪୦୦ କୋଟି, ମିଳିଲା ୧୦ ହଜାର କୋଟି



**ନୂଆଦିଲ୍ଲୀ :** ୨୦୨୩-୨୪ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟରେ ଓଡ଼ିଶାକୁ ରେଳ ଅନୁଦାନ ବାବଦରେ ମୋଟ ୧୦,୦୧୨କୋଟି ଟଙ୍କା ଆବଣ୍ଟିତ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାକୁ ୯୭୩୪ କୋଟି ଟଙ୍କାର ରେଳ ଅନୁଦାନ ମିଳିଥିଲା। ତେବେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ରେଳ ଅନୁଦାନ ବାବଦରେ ରାଜ୍ୟ ସରକାର ୮୪୦୦କୋଟି ଟଙ୍କା ମାଗିଥିଲେ, କିନ୍ତୁ କେନ୍ଦ୍ର ସରକାର ଓଡ଼ିଶା ମାଗିଥିବା ପରିମାଣଠୁ ପ୍ରାୟ ୧୬୧୨କୋଟି ଟଙ୍କା ଅଧିକ ଆବଣ୍ଟନ କରିଛନ୍ତି। ଓଡ଼ିଶାକୁ କେନ୍ଦ୍ରୀୟ ବଜେଟରେ ୨୦୨୩-୨୪ରେ ମିଳିଥିବା ରେଳ ଅନୁଦାନ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜର ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ପୁରୀ ଲାଗି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ବିମାନବନ୍ଦରରୁ ଭକ୍ତମାନେ ବ୍ୟାଟେରୀ ଚାଳିତ ଗାଡ଼ିରେ ଲିଙ୍ଗରାଜ ରୋଡ୍ ଷ୍ଟେସନ ଆସି ସେଠାରୁ ଟ୍ରେନରେ ସିଧାସଳଖ ପୁରୀ ଯାଇପାରିବେ। ➤ ପୃ-୬

### ୧୦ଟି ଜିଲ୍ଲାରେ ଭର୍ଚୁଆଲ ହାଇକୋର୍ଟ ଉଦ୍‌ଘାଟିତ

# ଓଡ଼ିଆରେ ଅନୁବାଦ ହେବ ହାଇକୋର୍ଟଙ୍କ ରାୟ




**କଟକ :** ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ହେଉଥିବା ଦାବି ସମାଧାନ ହୋଇପାରେ। କାରଣ ରାଜ୍ୟର ୧୦ଟି ଜିଲ୍ଲାରେ ଆରମ୍ଭ ହେଲା ଭର୍ଚୁଆଲ ହାଇକୋର୍ଟ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡଃ ଡି ୱାଇ ଚନ୍ଦ୍ରଚୂଡ଼ ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏକକାଳୀନ ୧୦ଟି ଜିଲ୍ଲାରେ ଭର୍ଚୁଆଲ ହାଇକୋର୍ଟ ଖୋଲିବା ଦେଶରେ ପ୍ରଥମ ବୋଲି କହିଛନ୍ତି ପ୍ରଧାନ ବିଚାରପତି। ରାଜ୍ୟର ଅବଶିଷ୍ଟ ୨୦ଟି ଜିଲ୍ଲାରେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏହି ସେବା ଉପଲବ୍ଧ ହେବ ଏବଂ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଓଡ଼ିଶାର ଅଗଣିତ ଜନତା ଅତି ସୁବିଧାରେ ନ୍ୟାୟିକ ସେବା ପାଇପାରିବେ ବୋଲି କହିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼। ଭର୍ଚୁଆଲ ହାଇକୋର୍ଟରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ଦ୍ୱାରା ଛୋଟ ସହରର ପ୍ରତିଭାବାନ ଆଇନଜୀବୀ ହାଇକୋର୍ଟରେ ମାମଲା ପରିଚାଳନାର ସୁଯୋଗ ପାଇପାରିବେ। ସୁପ୍ରିମ୍‌କୋର୍ଟଙ୍କ ରାୟର ବିଭିନ୍ନ ଆଞ୍ଚଳିକ ଭାଷାରେ ଅନୁବାଦ ପାଇଁ ମାଡ୍ରାସ ଆଇଆଇଟି ସହଯୋଗରେ ବ୍ୟବସ୍ଥା ଗ୍ରହଣ କରାଯାଇଛି। ➤ ପୃ-୬

### ନବ ଦାସ ହତ୍ୟାକାଣ୍ଡ

# ମୁହଁ ଖୋଲିଲେ ଡିଜିପି



**ଭୁବନେଶ୍ୱର:** ମନ୍ତ୍ରୀ ନବ ଦାସଙ୍କୁ କାହିଁକି ହତ୍ୟା କଲା ବହିଷ୍କୃତ ପୁଲିସ ଏଏସ୍‌ଆଇ? ଛକ ମଝିରେ ସ୍ପଷ୍ଟ ଦିବା ଲୋକରେ ଓ ସମର୍ଥକଙ୍କ ଭିତରେ ପଶି କାହିଁକି ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ପଏଣ୍ଟ ବ୍ଲାଙ୍କରେ ଗୁଳିକଲା ଗୋପାଳକୃଷ୍ଣ ଦାସ? ତାହା କେବଳ ସେହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣା। ରାଜ୍ୟର ଜଣେ ପାୱାରଫୁଲ୍ ମନ୍ତ୍ରୀଙ୍କୁ ଗୁଳିକାଣ୍ଡର ୬ ଦିନ ପରେ ମୁହଁ ଖୋଲି ଗତ ଶୁକ୍ରବାର ଏକଥା କହିଛନ୍ତି ଡିଜିପି ସୁନୀଲ୍ ବଂଶଲ। କେବଳ ଏତିକି ନୁହେଁ, ଡିଜିପି ଆହୁରି କହିଛନ୍ତି- ହତ୍ୟାର ଉଦ୍ଦେଶ୍ୟ ଓ ଅପରାଧର ରହସ୍ୟ ଜାଣିବାକୁ ହେଲେ ଆଉ ୨ରୁ ୪ ଦିନ ନୁହଁ, ବରଂ ଆହୁରି କିଛିଦିନ ଲାଗିବ। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେ.ପି.ଦାସଙ୍କ ମନିଟରିଂରେ ତଦନ୍ତ ଚାଲୁ ରହିଛି। ମାମଲାରେ ତଦନ୍ତରେ ପୂର୍ଣ୍ଣତା ଆସିବାକୁ ହେଲେ ଟିକେ ସମୟ ଲାଗିବ। କେନ୍ଦ୍ରର ସହଯୋଗ ନିଆଯିବ। ଗୃହ ମନ୍ତ୍ରାଳୟ ସହ କଥା ହୋଇଛି। ଗୃହ ମନ୍ତ୍ରାଳୟ ମଧ୍ୟ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ➤ ପୃ-୬

### ବକ୍ରବାଣୀ



ଅନନ୍ତ ଓଝା ଚାଲିଗଲା ପରେ
ନୂଆ ନେଖକ ବୋଥରା ଆଇଲେ
ଜାମୁକୋଳି କାହାଣୀ କହିକିରି
ନୟାଗଡ଼ ଖେଳ ବାଗେ ସାଇଲେ
ବଢ଼ିଆ ଷ୍ଟୋରୀଟେ ନେଖିବେ ବୋଲି
ମଇଳା ଟାଙ୍କିରୁ କାଗଜ କାଢ଼ି
ବୁଲୁଚେନି ସିଏ ପାଗଳ ସାଙ୍ଗେ
ରହସ୍ୟ ପଛର ମୁଣ୍ଡକୁ ଛାଡ଼ି
କେମିତିକା ସେଇ କାଗଜ ଭାଇ
ପାଣିରେ ବୁଡ଼ିଲେ ନିଭଇ ନାଇଁ।

— ଟୁଟୁ

# ଭିତ୍ତିଭୂମି ହିଁ ବିକାଶର ଆଧାର : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପୁରର ବିକ୍ରମଦେବ ସ୍ୱୟଂଶାସିତ କଲେଜର ପ୍ଲାଟିନମ ଜୁବୁଲି ଉତ୍ସବରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ନିକଟରେ ମୁଖ୍ୟମନ୍ତ୍ରୀ ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଗଲା ବୋଲି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ ଛାତ୍ରଛାତ୍ରୀମାନଙ୍କୁ ଏ ଘୋଷଣା ସଂପର୍କରେ ଉଲ୍ଲେଖକରି କହିଥିଲେ 'ଆପଣମାନେ ଖୁସି ତ?' ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ବିପୁଳ ଉତ୍ସାହ, ଆନନ୍ଦ, ଉଲ୍ଲାସ ଓ କରତାଳି ମଧ୍ୟରେ ସ୍ୱାଗତ କରିଥିଲେ। ଏହି ଘୋଷଣା ପାଇଁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏକ ଅତ୍ୟାଧୁନିକ ଅଡିଟୋରିଅମ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଏ ସଂପର୍କରେ ଅଧିକ ସୂଚନା ଦେଇ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କହିଥିଲେ ଯେ ଏହି ଅଡିଟୋରିଅମ ୧୦୦୦ ଆସନ ବିଶିଷ୍ଟ ହେବ ଏବଂ ଏଥିପାଇଁ ୮ କୋଟି ଟଙ୍କା ବିନିଯୋଗ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଆମ ଭିତରେ ଥିବା ସଂଭାବନାକୁ ବୃଦ୍ଧି କରିଥାଏ। ଯୁବସମାଜ ଉପରେ ତାଙ୍କର ପୁରା ଆସ୍ଥା ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନେ ଭଲ ପାଠ ପଢନ୍ତୁ ଏବଂ ସମାଜ ସହିତ ଯୋଡି ହୋଇ ରୁହନ୍ତୁ। ନିଜର ତଥା ନିଜ ପରିବାରର ଏବଂ ସାରା ଓଡିଶାର ସ୍ୱପ୍ନ ପୂରଣ କରିବା ପାଇଁ ଉଦ୍ୟମ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। କୋରାପୁଟ ତାଙ୍କ ପାଇ ସବୁବେଳେ ସ୍ୱତନ୍ତ୍ର ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭିତ୍ତିଭୂମିର ବିକାଶ ଜରିଆରେ କୋରାପୁଟର ବିକାଶ ପାଇଁ କାମ କରାଯାଉଛି। ଭିତ୍ତିଭୂମିର ଗୁରୁତ୍ୱ ସଂପର୍କରେ ଉଦାହରଣମ ଦେଇ ସେ କହିଲେ ଯେ ଗୋଟିଏ ଗୁରୁପ୍ରିୟା ସେତୁ ଆଜି ସ୍ୱାଭିମାନ ଅଞ୍ଚଳରେ ବିକାଶର ନୂଆ ଧାରା ଆଣିପାରିଛି। ଭିତ୍ତିଭୂମି ହିଁ ବିକାଶର ଆଧାର ବୋଲି ସେ ମତବ୍ୟକ୍ତ କରି ସେ କୋରାପୁଟ ପାଇଁ ୧୫୯୬ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଥିରେ ୨୦୭.୮୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥଇବା ବେଳେ ୧୩୭୮.୪୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିଲା। ସେତୁ, ସଡକ, ପାନୀୟ ଜଳ, ଜଳସେଚନ, ବିଦ୍ୟୁତୀକରଣ ଓ ପର୍ଯ୍ୟଟନ ଆଦି ପ୍ରକଳ୍ପ କାମ କରାଯାଇଛି। ମିଶନ ଶକ୍ତି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସେ କହିଥିଲ ଯେ ମା ମାନେ ଭଲ କାମ କରି ସାରା ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ଅବସରରେ ଜାତୀୟ ପତାକା ପ୍ରସ୍ତୁତ କରି ସେମାନେ ନିଜର ଦକ୍ଷତା ଦେଖାଇଛନ୍ତି ଏବଂ ସେମାନଙ୍କ ଉପରେ ଥିବା ➤ ପୃ-୬




### ଓଡ଼ିଶା-ଆନ୍ଧ୍ର ଅଧିକାରୀଙ୍କ ଉପସ୍ଥିତିରେ ସୀମା ବିବାଦର ଆପୋଷ ସମାଧାନ

# ମାନିବେ ତ ଆନ୍ଧ୍ର ଅଧିକାରୀ ?



**ଭୁବନେଶ୍ୱର :** ଓଡ଼ିଶା ଭିତରେ ପଶି ଜବରଦସ୍ତି ରାସ୍ତା ନିର୍ମାଣ କରୁଥିଲା ଆନ୍ଧ୍ରପ୍ରଦେଶର ସରକାର। ଉତ୍ତେଜନା ଓ ଗଣ୍ଡଗୋଳ ପରେ ଶୁକ୍ରବାର ବସିଥିଲା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ସରକାରୀ ଅଧିକାରୀ ସ୍ତରୀୟ ବୈଠକ। ବହୁ ଆଲୋଚନା ପରେ ଓଡ଼ିଶାର ପ୍ରଶାସନିକ ଅଧିକାରୀମାନେ ସୀମା ଷ୍ଟୋନ୍ ଦେଖାଇଥିଲେ। ଯାହାଦ୍ୱାରା ଦୀର୍ଘ ଦିନରୁ ଦେଖାଯାଇଥିବା ବିବାଦ ସମାଧାନ ହେଲା ବୋଲି ଚର୍ଚ୍ଚା ହେଉଛି। ତେବେ ଏଠି ପ୍ରଶ୍ନ ଉଠୁଛି, ଚିହ୍ନଟ ହୋଇଥିବା ସୀମାକୁ ଆନ୍ଧ୍ର ସରକାରୀ ଅଧିକାରୀ ମାନିବେ ତ? ଦୁଇ ମାସ ତଳେ ରାୟଗଡା ବ୍ଲକ୍ ଦୁର୍ଗାପାଡୁ ପଞ୍ଚାୟତର ସୀମାବର୍ତ୍ତୀ ଗାଁ ପାଲମ୍‌ତୁଳସୀ ଦେଇ ଆନ୍ଧ୍ରପ୍ରଦେଶର ସରକାର ରାସ୍ତା ନିର୍ମାଣ କରୁଥିଲା। ଯାହାକୁ ଗାଁ ଲୋକେ ବିରୋଧ କରିଥିଲେ। ଗାଁ ଲୋକଙ୍କ ବିରୋଧକୁ ଖାତିର କରିନଥିଲେ ଆନ୍ଧ୍ରର ପ୍ରଶାସନିକ ଅଧିକାରୀ। ପରବର୍ତ୍ତୀ ସମୟରେ ରାୟଗଡା ତହସିଲଦାର ତାପସ ରାଉତ, ବ୍ଲକ୍ ଅଧିକାରୀ ଲକ୍ଷ୍ମୀ ନାରାୟଣ ସାବତ, ଚାଷୀ ଏକତା ପରିଷଦର ସଦସ୍ୟମାନେ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା କାମ ବନ୍ଦ କରିଥିଲେ। ସୀମା ନିର୍ଦ୍ଧାରଣ ପାଇଁ ଉଭୟ ସରକାରୀ କର୍ମଚାରୀଙ୍କୁ ନେଇ ଜାନୁଆରୀ ୩୧ ତାରିଖରେ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା। ନିର୍ଦ୍ଧାରିତ ଦିନ ଓଡ଼ିଶାର ସରକାର ଅଧିକାରୀ ସୀମା ଅଞ୍ଚଳରେ ପହଞ୍ଚି ଥିଲେ। କିନ୍ତୁ ଆନ୍ଧ୍ରପ୍ରଦେଶର ସରକାର ତରଫରୁ କୌଣସି ଅଧିକାରୀ ଆସିନଥିଲେ। ଯେଉଁଥିପାଇଁ ବୈଠକ ହୋଇପାରିନଥିଲା। ଓଡ଼ିଶା ଓ ଆନ୍ଧ୍ର ସରକାରୀ ଅଧିକାରୀଙ୍କ ବୈଠକ ବସିଥିଲା। ଓଡ଼ିଶା ସରକାରଙ୍କ ତରଫରୁ ରାୟଗଡା ତହସିଲଦାର ତାପସ ରାଉତ, ବ୍ଲକ ଅଧିକାରୀ, ଅତିରିକ୍ତ ବ୍ଲକ ଅଧିକାରୀ ଓ ଗାଁ ଲୋକମାନେ ଉପସ୍ଥିତ ରହିଥିଲେ। ଠିକ୍ ସେହିପରି ଆନ୍ଧ୍ର ସରକାରଙ୍କ ତରଫରୁ ତହସିଲଦାର ରାମୁଲୁଆମା ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଏହାଛଡ଼ା ପାଲମ୍‌ତୁଳସୀ ଓ ପଡ଼ୋଶୀ ଆନ୍ଧ୍ରର ଗାଁ ଲୋକେ ମଧ୍ୟ ଉପସ୍ଥିତ ରହିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଆଲୋଚନା ଭିତରେ ଦୁଇ ପକ୍ଷରୁ ଗଣ୍ଡଗୋଳ ଓ ଠେଲାପେଲା ହୋଇଥିଲା। ପରେ ବିବାଦ ସମାଧାନ ହୋଇଥିଲା। ଶେଷରେ ଗୁଲାଲେଙ୍କା ସୀମା, କିତାଡ଼ାମ୍ବୁ ଓ ୱାଡାଜିଙ୍ଗୁ ସୀମା ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ମାନସିକ ସ୍ଥିତି ଭଲ ରହିବ। ବ୍ୟବସାୟ ଦୂର ସ୍ଥାନକୁ ଯାଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପୂର୍ବ ମତଭେଦ ଦୂର ହେବ। ଛାତ୍ରମାନଙ୍କୁ ଅଧିକ ପରିଶ୍ରମ କରିବା ଆବଶ୍ୟକ। ଦମ୍ପତି ମାନଙ୍କ ସମ୍ପର୍କ ସୁଦୃଢ଼ ହେବ। ପ୍ରତିକାର : ହନୁମାନଜୀଙ୍କୁ ମିଷ୍ଟାନ୍ନ ଭୋଗ ଲଗାନ୍ତୁ।

**ବୃଷ** ମନ ଚଞ୍ଚଳ ରହିବ। ରକ୍ତଚାପ ବଢ଼ିପାରେ। ବ୍ୟବସାୟରେ ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପୁରୁଣା ବିବାଦର ସମାଧାନ କରିପାରନ୍ତି। ଉଧାର ନିଅନ୍ତୁ ନାହିଁ କି ଦିଅନ୍ତୁ ନାହିଁ। ପ୍ରତିକାର : ଶିବାଳୟରେ କ୍ଷୀର ଓ ଚିନି ଦାନ କରନ୍ତୁ।

**ମିଥୁନ** ବାରୀରେ ଲଗାମ ଦିଅନ୍ତୁ। ସଠିକ୍ ନିର୍ଣ୍ଣୟ ନିଅନ୍ତୁ। ଅନାବଶ୍ୟକ ବିବାଦ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହନ୍ତୁ। ଜମି ସମ୍ବନ୍ଧୀୟ ବିବାଦରେ ପଡିପାରନ୍ତି। ପ୍ରତିକାର : ଦେବୀ ଦୁର୍ଗାଙ୍କୁ ଫଳ ଅର୍ପଣ କରନ୍ତୁ।

**କର୍କଟ** ଲକ୍ଷ୍ମୀପ୍ରାପ୍ତି ପାଇଁ ଅଧିକ ପରିଶ୍ରମ କରିବେ। ଆୟ ବ୍ୟୟରେ ବୃଦ୍ଧି ହୋଇପାରେ। ବିବାଦରୁ ଦୂରରେ ରହନ୍ତୁ। ପରିବାରର ସହଯୋଗ ପାଇବେ। ପ୍ରତିକାର : ରୂପା ପାତ୍ରରେ ଭଗବାନ ଶିବଙ୍କୁ ଜଳଅର୍ପଣ କରନ୍ତୁ।

**ସିଂହ** ଆତ୍ମବିଶ୍ୱାସ ବୃଦ୍ଧି ହେବ। ଆୟରେ ବୃଦ୍ଧି ହେବ। ଘର ବା ବାହନ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ଚିନ୍ତିତ ରହିବେ। ପ୍ରତିକାର : ଭଗବାନ ଶ୍ରୀକୃଷ୍ଣଙ୍କ ସୁଗନ୍ଧିତ ଫୁଲହାର ଦିଅନ୍ତୁ।

**କନ୍ୟା** ମନ ଉପରେ ଲଗାମ ଦିଅନ୍ତୁ। ବ୍ୟବସାୟରେ ସତର୍କ ରହନ୍ତୁ। ଋଣ ପରିଶୋଧ କରିପାରନ୍ତି। ବନ୍ଧୁଙ୍କ ସହଯୋଗ ପାଇବେ। କଟୁ ଶବ୍ଦ ବ୍ୟବହାର କରନ୍ତୁ ନାହିଁ। ପ୍ରତିକାର : ଭଗବାନ ଗଣେଶଙ୍କୁ ଦୁବମାଳ ଓ ଫଳ ଅର୍ପଣ କରନ୍ତୁ।

**ତୁଳା** ରାଜନୀତିରେ କ୍ଷତି ହୋଇପାରେ। ଗୁପ୍ତ କଥା ପ୍ରକାଶ କରନ୍ତୁ ନାହିଁ। ସାକାରାତ୍ମକ ମାନସିକତା ରଖନ୍ତୁ। ପ୍ରେମୀ ମାନେ ନିଜର ମନକଥା ସର୍ବସମ୍ମୁଖରେ ପ୍ରକାଶ କରିପାରିବେ। ପ୍ରତିକାର : ଗୋମାତାଙ୍କୁ ରାଶି ଲଡୁ ଖୁଆନ୍ତୁ।

**ବିଛା** ଭାଗୀଦାରୀ ବ୍ୟବସାୟରେ ସଫଳ ହେବେ। ନିଜର ସବୁ କାମ ନିଜେ କରନ୍ତୁ। ଛଳନାର ଶୀକାର ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବେ। ପ୍ରତିକାର : ହନୁମାନଜୀଙ୍କ ଲାଲ ଫୁଲ ମାଳା ଦିଅନ୍ତୁ।

**ଧନୁ** ଅନ୍ୟକଥାରେ ପଡି ନିର୍ଣ୍ଣୟ କରନ୍ତୁ। ଆୟ ଓ ସମ୍ମାନରେ କ୍ଷତି ହୋଇ ପାରେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ପରିବାରରେ ସହଯୋଗ ପାଇବେ। ପ୍ରତିକାର : ବରିଷ୍ଠ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** ଦୂରଯାତ୍ରା କରିପାରନ୍ତି। ବ୍ୟବସାୟରେ ଲାଭ ହୋଇପାରେ। ଧନ ସଞ୍ଚୟ ପାଇଁ ସମୟ ଅନୁକୂଳ। ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ଶିବାଳୟରେ ଘିଅ ଦୀପ ଦିଅନ୍ତୁ।

**କୁମ୍ଭ** ଯୋଜନା ଗୁପ୍ତ ରଖନ୍ତୁ। ଅନୈତିକ କାର୍ଯ୍ୟରୁ ଦୂରରେ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ମନ ନିବେଶ କରନ୍ତୁ। ଗୁରୁଜନଙ୍କ ସହଯୋଗ ପାଇବେ। ଆଖି ବା ପେଟରେ ପୀଡା ହୋଇପାରେ। ପ୍ରତିକାର : ଦରିଦ୍ରଙ୍କ ଧଳା ରଙ୍ଗ ଖାଦ୍ୟ ଦାନ କରନ୍ତୁ।

**ମୀନ** ଶତ୍ରୁ ସଂଖ୍ୟା ବଢ଼ିବ। ଭାଗ୍ୟରେ ସହଯୋଗ ନିଶ୍ଚିତ ମିଳିପାରେ। ନୂଆ ରୋଜଗାର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଜୀବନସାଥୀଙ୍କ ପୂର୍ଣ୍ଣ ସହଯୋଗ କରନ୍ତୁ। ପ୍ରତିକାର : କେସରଯୁକ୍ତ ଖାଦ୍ୟ ଖାଆନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ପ୍ରବାସୀଙ୍କ ମତ ଦାନ ଲାଗି ଆରଭିଏମ ପ୍ରସ୍ତାବ ନାହିଁ: ଆଇନମନ୍ତ୍ରୀ



**ନୂଆଦିଲ୍ଲୀ:** ମତ ଦାନ ପାଇଁ ରିମୋଟ୍ ଇଲେକଟ୍ରୋନିକ୍ ଭୋଟିଂ ମେସିନ ବା ଜଠଗର ବ୍ୟବହାର ନେଇ କୌଣସି ପ୍ରସ୍ତାବ ନାହିଁ। ସଂସଦରେ ଆଇନ ମନ୍ତ୍ରୀ କିରଣ ରିଜିଜୁ ଶୁକ୍ରବାର ଏହା କହିଛନ୍ତି। ଘରଠାରୁ ଦୂରରେ ରହୁଥିବା ଅର୍ଥାତ ପ୍ରବାସୀମାନେ ଏହି ଆରଭିଏମ ମାଧ୍ୟମରେ ଭୋଟ ଦେବା ନେଇ ଚର୍ଚ୍ଚା ହୋଇଥିଲା। ଆଜି ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ନିର୍ବାଚନ ଆୟୋଗ (ଇସି) ଅନୁଯାୟୀ ଦେଶରେ ହେବାକୁ ଥିବା ନିର୍ବାଚନ ପାଇଁ ଆରଭିଏମ ଲାଗୁ କରାଯିବାକୁ ପ୍ରସ୍ତାବ ନାହିଁ। ଚଳିତ ବର୍ଷ ଅନେକ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ୨୦୨୪ରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ। ମନ୍ତ୍ରୀ କହିଛନ୍ତି ଯେ , ନିକଟ ଅତୀତରେ ପ୍ରବାସୀ ଭୋଟରଙ୍କ ବ୍ୟବହାର ପାଇଁ ଆରଭିଏମ୍ ପ୍ରସ୍ତାବ ନାହିଁ ବୋଲି ଇସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗତ ମାସରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ରିମୋଟ ଇଲେକଟ୍ରୋନିକ ଭୋଟିଂ ଉପରେ କାର୍ଯ୍ୟ ଚାଲିଛି ବୋଲି କହିଥିଲେ। ହେଲେ ଏହା ଏକ ସହଜ ବିଷୟ ନୁହେଁ ଏବଂ ଗଣତନ୍ତ୍ରରେ ନିଷ୍ପତ୍ତି ନେବା ପାଇଁ ସମୟ ଲାଗିଥାଏ ବୋଲି ସେ କହିଥିଲେ। ପ୍ରବାସୀ ଭୋଟର ତଥା ଦାଦନ ଶ୍ରମିକଙ୍କୁ ନଜରରରେ ରଖି ରିମୋଟ ଭୋଟିଂ ବ୍ୟବସ୍ଥା ଲାଗି ପ୍ରସ୍ତୁତି ନେଇ ଚର୍ଚ୍ଚା ହୋଇଥିଲା। ଏହି ନୂଆ ପ୍ରକାର ଭୋଟିଂ ମେସିନ ଜରିଆରେ ଏକା ସାଙ୍ଗରେ ଏକାଧିକ ନିର୍ବାଚନମଣ୍ଡଳୀର ଭୋଟିଂ ହୋଇପାରିବ। ଗୋଟିଏ ରିମୋଟ୍ ପୋଲିଂ ବୁଥ୍ ଜରିଆରେ ଏହା ସମ୍ଭବ ହୋଇପାରିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଥିଲା। ଏହା ଉପରେ ଆଲୋଚନା କରିବାକୁ ନିର୍ବାଚନ କମିଶନ ସବୁ ରାଜନୈତିକ ଦଳ ଗୁଡ଼ିକର ଏକ ବୈଠକ ଡାକିଥିଲେ। । ୨୦୧୯ ସାଧାରଣ ନିର୍ବାଚନ ବେଳେ କମ୍ ଭୋଟିଂ ପ୍ରତିଶତକୁ ନେଇ ଚିନ୍ତାପ୍ରକଟ କରିଥିଲେ କମିଶନ। ନିର୍ବାଚନ କମିଶନରଙ୍କ ଅନୁଯାୟୀ, ସୂଚନା ଅନୁସାରେ ୨୦୧୯ ନିର୍ବାଚନରେ ଦେଶରେ ମାତ୍ର ୬୭.୪ ପ୍ରତିଶତ ଲୋକ ଭୋଟ ଦେଇଥିଲେ । ପାଖାପାଖି ୩୦ କୋଟି ଲୋକ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିପାରିନଥିଲେ । ଏହି ସମସ୍ୟାକୁ ଦୂର କରିବା ପାଇଁ ଆରଭିଏମକୁ ପ୍ରସ୍ତୁତ କରାଯାଇଥିବା ଚର୍ଚ୍ଚା ହୋଇଥିଲା।

# ବ୍ୟାଙ୍କ ନୋଟ୍‌ରୁ ରାଣୀ ଏଲିଜାବେଥ୍‌ଙ୍କ ଫଟୋ ହଟାଇବ ଅଷ୍ଟ୍ରେଲିଆ





**ମେଲବୋର୍ଣ୍ଣ :** ବ୍ରିଟେନର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ମୃତ୍ୟୁ ପରେ ଅଷ୍ଟ୍ରେଲିଆ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମହାରାଣୀ ଏଲିଜାବେଥ ଆଉ ଅଷ୍ଟ୍ରେଲିଆର ପାଞ୍ଚ ଡଲାର କରେନ୍ସି ନୋଟରେ ଦେଖାଯିବେ ନାହିଁ। ଏହା ବଦଳରେ ଅଷ୍ଟ୍ରେଲିଆ ଏହାର ଆଦିବାସୀ ସଂସ୍କୃତିର ଇତିହାସ ପ୍ରତିଫଳିତ କରିବ। ଅଷ୍ଟ୍ରେଲିଆର ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ବିବୃତ୍ତି ଅନୁଯାୟୀ କେନ୍ଦ୍ର ସରକାରଙ୍କ ପରାମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅଷ୍ଟ୍ରେଲିଆର ସଂସଦର ଚିତ୍ର ନୋଟର ଅନ୍ୟ ପାର୍ଶ୍ୱରେ ରହିବ ବୋଲି ସ୍ପଷ୍ଟ କରାଯାଇଛି। ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ କହିଛନ୍ତି ଯେ ମହାରାଣୀଙ୍କ ଛବି ପାଞ୍ଚ ଡଲାର ନୋଟରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। କାରଣ ସେ ଜଣେ ରାଣୀ ଥିଲେ। ଏହି ଚିତ୍ର ତାଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରୁଥିଲା। ନୋଟକୁ ନୂଆ କରିବାର ନିଷ୍ପତ୍ତି ଅଷ୍ଟ୍ରେଲିଆର କେନ୍ଦ୍ର ବାମପନ୍ଥୀ ଲେବର ସରକାର ସମ୍ବିଧାନରେ ପରିବର୍ତ୍ତନ ଆଣିବା ପାଇଁ ଜନମତ ସଂଗ୍ରହ ଲାଗି ଦାବି କରୁଥିବା ସମୟରେ ଗ୍ରହଣ କରାଯାଇଛି ସେପ୍ଟେମ୍ବର ୨୦୨୨ ରେ ଅଷ୍ଟ୍ରେଲିଆ ସ୍ପଷ୍ଟ କରିଦେଇଥିଲା ଯେ ମହାରାଣୀ ଏଲିଜାବେଥ୍‌ଙ୍କ ପରେ ରାଜା ଚାଲର୍ସଙ୍କ ଚିତ୍ର ନୋଟରେ ଛପା ହେବ ନାହିଁ, କିନ୍ତୁ ଏହା ବଦଳରେ ଅଷ୍ଟ୍ରେଲୀୟ ପ୍ରତିଫଳନ ବଦଳାଯିବ। ନୋଟ ଡିଜାଇନ କରିବାରେ ଆଦିବାସୀ ଗୋଷ୍ଠୀ ସହ ପରାମର୍ଶ କରିବ ବୋଲି ରିଜର୍ଭ ବ୍ୟାଙ୍କ କହିଛି। ନୂତନ ନୋଟ ଡିଜାଇନ ଏବଂ ପ୍ରିଣ୍ଟ କରିବାକୁ ଅନେକ ବର୍ଷ ଲାଗିବ। ସେପର୍ଯ୍ୟନ୍ତ ବିଦ୍ୟମାନ ନୋଟ ଜାରି ଜାରି ରହିବ।

# ଖୁବଶୀଘ୍ର ନିଯୁକ୍ତ ହେବେ ୫ ବିଚାରପତି

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିସ ଅନୁଯାୟୀ କେନ୍ଦ୍ର ସରକାର ଖୁବଶୀଘ୍ର ୫ ଜଣ ବିଚାରପତିଙ୍କୁ ନିଯୁକ୍ତି ଦେବେ। ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଏପରି ପ୍ରତିଶ୍ରୁତି ଦିଆଯାଇଛି। ଡିସେମ୍ବର ମାସରେ କଲେଜିୟମ ୩ଟି ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଓ ୨ ଜଣ ବିଚାରପତିଙ୍କୁ ସୁପ୍ରିମକୋର୍ଟକୁ ପ୍ରମୋସନ ଦେବା ପାଇଁ କେନ୍ଦ୍ରକୁ ସୁପାରିସ କରିଥିଲେ। ଏବେ କେନ୍ଦ୍ର ସରକାର ଏହି ସୁପାରିସ ଅନୁଯାୟୀ ୫ ବିଚାରପତିଙ୍କ ନାଁ ଉପରେ ମୋହର ମାରିବେ। ଏହି ୫ ବିଚାରପତି ଶପଥ ନେବା ପରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇବ। ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତିଙ୍କୁ ମିଶାଇ ମୋଟ ୩୪ ଜଣ ବିଚାରପତି ରହିପାରିବେ। ଏବେ ସୁପ୍ରିମକୋର୍ଟରେ ୨୭ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି। ସର୍ବୋଚ୍ଚ ଅଦାଲତ ବିଚାରପତି ନିଯୁକ୍ତିରେ ହେଉଥିବା ବିଳମ୍ବ ପ୍ରସଙ୍ଗରେ ଶୁଣାଣି କରିଥିଲେ। ଏହି ସମୟରେ କଲେଜିୟମ ସୁପାରିସ କରିଥିବା ୫ ଜଣ ବିଚାରପତିଙ୍କୁ ଖୁବଶୀଘ୍ର ପ୍ରମୋସନ ମିଳିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ଏହାପୂର୍ବରୁ ସୁପାରିସ ସତ୍ତ୍ୱେ ନିଯୁକ୍ତିରେ ବିଳମ୍ବ ହେଉଥିବାରୁ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

# ୨୦୨୨ରେ ଯୌନ ଅପରାଧୀଙ୍କୁ ସର୍ବାଧିକ ମୃତ୍ୟୁଦଣ୍ଡାଦେଶ



**ନୂଆଦିଲ୍ଲୀ :** ୨୦୨୨ରେ ଯେତେ ଲୋକଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଯୌନ-ଅପରାଧୀ। ଭାରତରେ ମୃତ୍ୟୁଦଣ୍ଡ ଉପରେ ପ୍ରୋଜେକ୍ଟ ୩୯ଏ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନର ରିପୋର୍ଟରୁ ଏହା ଜଣାପଡ଼ିଛି। ଏହି ରିପୋର୍ଟ ଅନୁସାରେ ୨୦୨୨ ମସିହାରେ ୪୧ଟି ଯୌନ-ଅପରାଧ ମାମଲାରେ ୫୨ ଜଣ ଲୋକଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଛି। ଏହା ମୋଟ ମୃତ୍ୟୁଦୁଣ୍ଡ ମାମଲାର ୫୧.୨ ପ୍ରତିଶତ। ଅନ୍ୟପକ୍ଷରେ ହତ୍ୟା ମମାଲାରେ ୩୩.୩୩% ମୃତ୍ୟୁଦଣ୍ଡାଦେଶ ହୋଇଛି। ରିପୋର୍ଟ ଅନୁଯାୟୀ ୨୦୧୬ ମସିହାରୁ ଯୌନ ଅପରାଧ ପାଇଁ ମୃତ୍ୟୁଦଣ୍ଡାଦେଶ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହିବର୍ଷ ୨୪ଟି ଯୌନ-ଅପରାଧ ମାମଲାରେ ୨୭ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। କିନ୍ତୁ ୨୦୨୨ ଶେଷ ସୁଦ୍ଧା, ତଳକୋର୍ଟଗୁଡ଼ିକ ଦ୍ୱାରା ମୃତ୍ୟୁଦଣ୍ଡାଦେଶ ପାଇଥିବା ୫୩୯ ଜଣ ଲୋକ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅପେକ୍ଷାରେ ରହିଛନ୍ତି। ୨୦୧୬ରୁ ପ୍ରକାଶ ପାଇ ଆସୁଥିବା ବାର୍ଷିକ ରିପୋର୍ଟ ଭିତରେ ଏହା ହେଉଛି ସର୍ବାଧିକ। ଏ ସଂଖ୍ୟାବୃଦ୍ଧିର କାରଣ ହେଲା ଟ୍ରାୟଲ କୋର୍ଟଗୁଡ଼ିକ ଅଧିକ ସଂଖ୍ୟାରେ ମୃତ୍ୟୁଦଣ୍ଡାଦେଶ ଦେଉଛନ୍ତି କିନ୍ତୁ ହାଇକୋର୍ଟରେ ସେସବୁ ମାମଲା ଶୀଘ୍ର ଫଏସଲା ନ ହୋଇ ପଡ଼ିରହୁଛି। ୨୦୨୨ରେ ହାଇକୋର୍ଟଗୁଡ଼ିକ ୬୮ଟି ମାମଲା ଉପରେ ନିଷ୍ପତ୍ତି ନେଇଥିବା ବେଳେ ସୁପ୍ରିମକୋର୍ଟ ମାତ୍ର ୧୧ଟି ମାମଲା ଉପରେ ରାୟ ଶୁଣାଇଥିଲେ।

# ଏପ୍ରିଲ ପହିଲାରୁ ରାସ୍ତାରୁ ହଟିବ ୯ ଲକ୍ଷ ସରକାରୀ ଗାଡ଼ି





**ନୂଆଦିଲ୍ଲୀ :** ଏପ୍ରିଲ ପହିଲା ପରେ ଦେଶରେ ୧୫ ବର୍ଷରୁ ଅଧିକ ପୁରୁଣା ସରକାରୀ ଗାଡିଗୁଡିକୁ ରାସ୍ତାରୁ ହଟାଯିବ। ସେଗୁଡିକ ସ୍ଥାନରେ ନୂତନ ଯାନ ରାସ୍ତାରେ ଚାଲିବ। ଏହାଫଳରେ ରାସ୍ତାରୁ ପ୍ରାୟ ୯ ଲକ୍ଷ ସରକାରୀ ଗାଡି ଆଉ ଚାଲିବନାହିଁ। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ସୋମବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଯାନଗୁଡିକ କେନ୍ଦ୍ର ଏବଂ ରାଜ୍ୟ ସରକାର, ପରିବହନ ନିଗମ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ଦ୍ୱାରା ନିୟୋଜିତ।ଶିଳ୍ପ ସଂଘ ଫିକି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଡକରୀ କହିଛନ୍ତି ଯେ ଇଥାନଲ, ମିଥାନଲ, ବାୟୋ-ସିଏନଜି, ବାୟୋ-ଏଲଏନଜି ଏବଂ ବୈଦ୍ୟୁତିକ ଯାନ ବ୍ୟବହାରକୁ ସହଜ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ୧୫ ବର୍ଷରୁ ଅଧିକ ପୁରୁଣା ୯ ଲକ୍ଷରୁ ଅଧିକ ଯାନକୁ ସ୍କ୍ରାପରେ ପରିଣତ କରିବାକୁ ଆମେ ବର୍ତ୍ତମାନ ଅନୁମୋଦନ ଦେଇଛୁ। ଏହା ସହିତ ପ୍ରଦୂଷଣ ବୃଦ୍ଧି କରୁଥିବା ବସ୍ ଏବଂ କାରଗୁଡିକ ରାସ୍ତାରେ ଯିବା ବନ୍ଦ କରାଯାଇଛି। ସେମାନଙ୍କୁ ନୂତନ ଯାନ ସହିତ ବଦଳାଇବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହାଦ୍ୱାରା ବାୟୁ ପ୍ରଦୂଷଣ ବହୁ ପରିମାଣରେ ହ୍ରାସ ପାଇବ ବୋଲି ଗଡକରୀ କହିଛନ୍ତି।ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ୧୫ ବର୍ଷ ପୁରୁଣା କେନ୍ଦ୍ର ତଥା ରାଜ୍ୟ ସରକାରୀ ଯାନଗୁଡିକ ଏପ୍ରିଲ୍ ପହିଲାରୁ ପଞ୍ଜୀକୃତ ହୋଇଯିବ। ପରିବହନ ନିଗମ ଏବଂ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗରେ ନିୟୋଜିତ ଯାନଗୁଡିକ ଏଥିରେ ଅନ୍ତର୍ଭୁକ୍ତ। ୨୦୨୧-୨୨ ବଜେଟରେ ଘୋଷିତ ନୀତି ଅନୁଯାୟୀ, ଘରୋଇ ଯାନ ପାଇଁ ୨୦ ବର୍ଷ ପରେ ଏବଂ ବାଣିଜ୍ୟିକ ଯାନ ପାଇଁ ୧୫ ବର୍ଷ ପରେ ଫିଟନେସ୍ ପରୀକ୍ଷା ବ୍ୟବସ୍ଥା ରହିଛି। ୨୦୨୨ ଏପ୍ରିଲ୍ ପହିଲାଠାରୁ କାର୍ଯ୍ୟକାରୀ ହୋଇଥିବା ନୂତନ ନୀତି ଅନୁଯାୟୀ ପୁରୁଣା ଯାନଗୁଡିକୁ ସ୍କ୍ରାପ୍ କରିବା ପରେ କିଣାଯାଇଥିବା ଗାଡିଗୁଡିକ ପାଇଁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ୨୫ ପ୍ରତିଶତ ରିଆତି ପ୍ରଦାନ କରିବେ। ୧୫୦ କି.ମି. ପରିଧି ମଧ୍ୟରେ ପ୍ରତ୍ୟେକ ସହରରେ ଅତି କମ୍ରେ ଗୋଟିଏ ଅଟୋମୋବାଇଲ୍ ସ୍କ୍ରାପିଂ ସୁବିଧା ଉପଲବ୍ଧ କରାଯିବ।

# ରେଳବାଇ ପାଇଁ ରେକର୍ଡ ୨.୪୦ ଲକ୍ଷ କୋଟିର ବ୍ୟୟବରାଦ



**ନୂଆଦିଲ୍ଲୀ :** ଭାରତୀୟ ରେଳବାଇକୁ ବୁଷ୍ଟ ଦେବାକୁ ବଜେଟରେ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସେ ଆଜି କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଥିବା ବେଳେ ରେଳବାଇ ପାଇଁ ଏଥିରେ ରେକର୍ଡ ୨.୪୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଯାଏ ଏତେ ପରିମାଣରୁ ପୁଞ୍ଜି କେବେ ହେଲେ ରେଳବାଇ ପାଇଁ ଘୋଷଣା ହୋଇ ନଥିଲା। ସେହିପରି ୨୦୧୪ ତୁଳନାରେ ଏହା ୯ ଗୁଣ ଅଧିକ। କେନ୍ଦ୍ର ସରକାର ଅନେକ ନୂଆ ଟ୍ରେନ ଓ ରେଳ ଲାଇନ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖିଛନ୍ତି। ପିଏମ ଗତି ଶକ୍ତି ଓ ନ୍ୟାଶନାଲ ଲଜିଷ୍ଟିକ ନୀତି ଦ୍ୱାରା ଭାରତୀୟ ରେଳବାଇ ତା'ର ସେବାକୁ ତ୍ୱରାନ୍ୱିତ କରୁଛି। ୨୦୨୩ ଆର୍ଥିକ ବର୍ଷରେ ରେଳବାଇ ୧.୩୭ ଲକ୍ଷ କୋଟି ଟଙ୍କାର ବଜେଟ ସମର୍ଥନ ପାଇଥିବା ବେଳେ ରାଜସ୍ୱ ଖର୍ଚ୍ଚ ବାବଦରେ ୩,୨୬୭ କୋଟି ପାଇଛି। ଏହା ଗତବର୍ଷ ତୁଳନାରେ ୧୭% ଅଧିକ। କେନ୍ଦ୍ର ସରକାର ମୋଟ ପୁଞ୍ଜି ବ୍ୟୟକୁ ୩୩% ବୃଦ୍ଧି ୧୦ ଟ୍ରିଲିୟନ ଟଙ୍କାରେ ପହଞ୍ଚାଇଛନ୍ତି। ଏହା ଜିଡିପିର ୩.୩%। ନିର୍ମଳା ସୀତାରମଣ ୫ମଥର ପାଇଁ ଆଜି ଗୃହରେ ବଜେଟ ଉପସ୍ଥାପନ କରିଛନ୍ତି। ସେ ତାଙ୍କ ବଜେଟ ଭାଷଣରେ କେନ୍ଦ୍ର ସରକାର ଦେଶର ଅଭିବୃଦ୍ଧି ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ନିର୍ମଳା ସୀତାରମଣ କହିଛନ୍ତି, ବିଶ୍ୱ ଅର୍ଥନୀତି ତଳକୁ ଖସୁଥିବା ବେଳେ ଭାରତର ଅର୍ଥନୀତି ଠିକ୍ ଟ୍ରାକରେ ରହିଛି। ମହାମାରୀ କରୋନା ବେଳେ ଆମେ ମାଗଣା ଖାଦ୍ୟ ସାମଗ୍ରୀ ଲୋକଙ୍କୁ ଯୋଗାଇ ଦେଇଥିଲୁ। ପିଏମ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଦେଶର ୮୦ କୋଟିରୁ ଅଧିକ ଲୋକ ଏହି ଯୋଜନା ଦ୍ୱାରା ୨୮ ମାସ ମାଗଣାରେ ରାସନ ଯୋଗାଇ ଦିଆଯାଇଛି। ଏଥିସହ ଆଉ ବର୍ଷେ ଯାଏ କେନ୍ଦ୍ର ସରକାର ମାଗଣା ରାସନ ଯୋଜନାକୁ ବୃଦ୍ଧି କରିଛନ୍ତି। ୨୦୧୪ରୁ ଭାରତ ସରକାର ସମସ୍ତ ନାଗରିକ କେମିତି ଉପଯୁକ୍ତ ଅଧିକାର ପାଇବେ, ତା' ଉପରେ ଗୁରୁତ୍ୱ ଦେଇ ଚାଲିଛନ୍ତି। ବର୍ତ୍ତମାନ ଦେଶର ମୁଣ୍ଡ ପିଛା ଆୟ ଦୁଇ ଗୁଣିତ ହୋଇ ୧.୯୭ ଲକ୍ଷରେ ପହଞ୍ଚିଛି। ଏହି ୯ ବର୍ଷ ମଧ୍ୟରେ ଭାରତର ଅର୍ଥନୀତିକ ଆକାର ୧୦ମ ସ୍ଥାନରୁ ଆସି ୫ ସର୍ବବୃହତ୍ତ ଅର୍ଥନୀତିରେ ପହଞ୍ଚିଛି।

# ୨୦୪୭ ସୁଦ୍ଧା ଦେଶରେ ରକ୍ତହୀନତା ମୂଳପୋଛ କରିବାକୁ ଲକ୍ଷ୍ୟ



**ନୂଆଦିଲ୍ଲୀ :** ବଜେଟରେ ସ୍ୱାସ୍ଥ୍ୟ ବିଭାଗକୁ ଫୋକସ କରାଯାଇଛି। ୨୦୧୪ରୁ ନିର୍ମାଣ କରାଯାଇଥିବା ୧୫୭ଟି ମେଡିକାଲ କଲେଜ ନର୍ସିଂ କଲେଜ ନିର୍ମାଣ କରାଯିବ। ୨୦୪୭ ସୁଦ୍ଧା ରକ୍ତହୀନତା ମୂଳପୋଛ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସିକିଲ୍ ସେଲ ଆନେମିଆ ଏଲିମିନେସନ ମିଶନ ଆରମ୍ଭ କରାଯିବ। ଦେଶରେ ବଢାଯିବ ଆଇସିଏମ୍ଆର ଗବେଷଣା କେନ୍ଦ୍ର। ଫାର୍ମାସ୍ୟୁଟିକାଲ କ୍ଷେତ୍ରରେ ଗବେଷଣା ପାଇଁ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଚିକିତ୍ସା କ୍ଷେତ୍ରରେ ଘରୋଇ ନିବେଶକୁ ପ୍ରୋତ୍ସାହନ ଦିଆଯିବ। ସାରା ଦେଶରେ ଟିକାକରଣ ପ୍ରାଥମିକତା ଭିତ୍ତିରେ କରାଯାଇଛି। ୧୨୦କୋଟି ଲୋକଙ୍କୁ ୨୨୦କୋଟି ଡୋଜ୍ ଟିକା ଦିଆଯାଇଛି। ବଜେଟରେ ବଡ଼ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏଣିକି ମ୍ୟାନହୋଲକୁ ଯିବେନି ମଣିଷ। ସମସ୍ତ ସହରରେ ନର୍ଦ୍ଦମା ଓ ସେପଟିକ ଟାଙ୍କିକୁ ମେସିନ ହୋଲ ମୋଡକୁ ଅଣାଯିବ। ୨୦୧୭ରୁ ନର୍ଦ୍ଦମା ସଫେଇ ପାଇଁ ଯାଇଥିବା ବେଳେ ପ୍ରାୟ ୪ଶହ ଜଣ ପ୍ରାଣ ହରାଇଲେଣି। ସେହିପରି ଏଣିକି ପ୍ୟାନ କାର୍ଡ ହେବ ପରିଚୟ ପତ୍ର। କେୱାଇସି ବ୍ୟବସ୍ଥାକୁ ଅଧିକ ସରଳୀକରଣ କରାଯିବ। ଡିଜି ଲକରର ବ୍ୟବହାର ବଢ଼ାଯିବ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପାଇଁ ୩ଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା କରାଯିବ। ଫାଇଭ୍-ଜି ବିକାଶ ପାଇଁ ଇଂଜିନିୟରିଂ ଇନଷ୍ଟିଚ୍ୟୁଟରେ ଶହେ ଲ୍ୟାବ ପ୍ରତିଷ୍ଠା ହେବ। ୩ବର୍ଷ ପାଇଁ ୪୭ଲକ୍ଷ ଯୁବକଙ୍କୁ ଡିବିଟି ସ୍କିମରେ ଭତ୍ତା ଦିଆଯିବ। କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନା ପାଇଁ ୯ହଜାର କୋଟି ରଖାଯାଇଛି।

# ୮୭% ମନ୍ତ୍ରୀ କୋଟିପତି; ୪୩%ଙ୍କ ବିରୋଧରେ ଅପରାଧିକ ମାମଲା



**ନୂଆଦିଲ୍ଲୀ :** ୨୮ ରାଜ୍ୟ ଏବଂ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୫୮ ମନ୍ତ୍ରୀଙ୍କ ସତ୍ୟପାଠ ଆକଳନରୁ ଜଣାପଡ଼ିଛି ଯେ ସେମାନଙ୍କ ମଧ୍ୟରୁ ୪୮୬ ଜଣ ଅର୍ଥାତ୍ ୮୭ ପ୍ରତିଶତ କୋଟିପତି। ୨୩୯ ଜଣ (୪୩ ପ୍ରତିଶତ) ମନ୍ତ୍ରୀ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ଏଡିଆର (ଆସୋସିଏସନ ଫର ଡିମୋକ୍ରାଟିକ ରିଫର୍ମ୍ସ) ରିପୋର୍ଟରୁ ଏହା ଜଣାପଡ଼ିଛି। ତାମିଲନାଡୁର ୩୩ ମନ୍ତ୍ରୀଙ୍କ ମଧ୍ୟରୁ ୨୮ ଜଣ (୮୫%), ହିମାଚଳପ୍ରଦେଶରେ ୯ ମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣ (୭୮ %), ତେଲେଙ୍ଗାନାରେ ୧୭ ମନ୍ତ୍ରୀଙ୍କ ମଧ୍ୟରୁ ୧୩ ଜଣ (୭୬ %), ମହାରାଷ୍ଟ୍ରରେ ୨୦ ମନ୍ତ୍ରୀଙ୍କ ମଧ୍ୟରୁ ୧୫ ଜଣ (୭୫%), ପଂଜାବରେ ୧୫ ମନ୍ତ୍ରୀଙ୍କ ମଧ୍ୟରୁ ୧୧ ଜଣ (୭୩ %), ବିହାରରେ ୩୦ ମନ୍ତ୍ରୀଙ୍କ ମଧ୍ୟରୁ ୨୧ (୭୦ %) ଜଣ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ଘୋଷଣା କରିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ପ୍ରତିଶତ ମନ୍ତ୍ରୀଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ରହିଛି। ମହାରାଷ୍ଟ୍ରରେ ୨୦ ମନ୍ତ୍ରୀଙ୍କ ମଧ୍ୟରୁ ୧୩ ଜଣ (୬୫%)ଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ଥିବାବେଳେ ଝାଡ଼ଖଣ୍ଡରେ ୧୧ ମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣ (୬୪%)ଙ୍କ ବିରୋଧରେ ଏବଂ ତେଲେଙ୍ଗାନାରେ ମୋଟ୍ ୧୭ ମନ୍ତ୍ରୀଙ୍କ ମଧ୍ୟରୁ ୧୦ ଜଣ (୫୯%)ଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ରହିଛି। ରିପୋର୍ଟ ଅନୁଯାୟୀ ବିହାରରେ ୩୦ ମନ୍ତ୍ରୀଙ୍କ ମଧ୍ୟରୁ ୧୫ ଜଣ (୫୦ %) ସେମାନଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ରହିଥିବା ଘୋଷଣା କରିଛନ୍ତି। ତାମିଲନାଡୁରେ ୩୩ ମନ୍ତ୍ରୀଙ୍କ ମଧ୍ୟରୁ ୧୬ ଜଣ (୪୮%) ଏବଂ ପଂଜାବରେ ୧୫ ମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣ (୪୭%) ସେମାନଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ୨୮ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୫୬୭ ମନ୍ତ୍ରୀଙ୍କ ମଧ୍ୟରୁ ୫୫୮ ଜଣ ମନ୍ତ୍ରୀଙ୍କ ସତ୍ୟପାଠ ଅନୁଧ୍ୟାନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ମନ୍ତ୍ରୀମାନଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୧୬.୬୩ କୋଟି। ଅନ୍ୟପକ୍ଷେ ଅପରାଧିକ ମାମଲା ଘୋଷଣା କରିଥିବା ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୨୧.୨୧ କୋଟି ଏବଂ ଅପରାଧ ମାମଲା ନଥିବା ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୧୩.୨୦ କୋଟି ଟଙ୍କା। କର୍ଣ୍ଣାଟକରେ ମନ୍ତ୍ରୀମାନଙ୍କ ହାରାହାରି ସମ୍ପତ୍ତି ସବୁଠୁ ଅଧିକ। କର୍ଣ୍ଣାଟକରେ ୨୭ ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୭୩.୦୯ କୋଟି। ମହାରାଷ୍ଟ୍ରରେ ୨୦ ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୪୭.୪୫ କୋଟି। ଛତିଶଗଡ଼ରେ ୧୩ ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୪୩.୯୬ କୋଟି। ଅନ୍ୟପକ୍ଷେ ତ୍ରିପୁରାରେ ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ସବୁଠୁ କମ୍। ତ୍ରିପୁରାରେ ୧୧ ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୨.୬୭ କୋଟି ଟଙ୍କା। ଅରୁଣାଚଳପ୍ରଦେଶ, ଛତିଶଗଡ଼, ଗୋଆ, ହରିୟାଣା, ହିମାଚଳପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର, ମଣିପୁର, ପୁଡୁଚେରୀ, ତେଲେଙ୍ଗାନା ଏବଂ ଉତ୍ତରାଖଣ୍ଡର ସମସ୍ତ ମନ୍ତ୍ରୀ କୋଟିପତି। ୫୫୮ ମନ୍ତ୍ରୀଙ୍କ ମଧ୍ୟରୁ ୨୦୦ ମନ୍ତ୍ରୀଙ୍କ ବୟସବର୍ଗ ୫୧-୬୦। ୧୪୩ ମନ୍ତ୍ରୀଙ୍କ ବୟସବର୍ଗ ୬୧-୭୦ ଏବଂ ୧୩୯ ମନ୍ତ୍ରୀଙ୍କ ବୟସ ବର୍ଗ ୪୧-୫୦। ତେବେ ମୋଟ ମନ୍ତ୍ରୀଙ୍କ ମଧ୍ୟରୁ କେବଳ ୯ ପ୍ରତିଶତ ମହିଳା ମନ୍ତ୍ରୀ ଅଛନ୍ତି। ପଶ୍ଚିମବଙ୍ଗରେ ସର୍ବାଧିକ ୮ (୧୮ %) ମହିଳା ମନ୍ତ୍ରୀ ଥିବାବେଳେ ଏହା ପଛକୁ ଓଡ଼ିଶାରେ ୫ ଜଣ (୨୩%) ଏବଂ ଉତ୍ତରପ୍ରଦେଶରେ ୫ ଜଣ (୧୦ %) ମହିଳା ମନ୍ତ୍ରୀ ଅଛନ୍ତି। ଅରୁଣାଚଳପ୍ରଦେଶ, ଦିଲ୍ଲୀ, ମିଜୋରାମ, ନାଗାଲାଣ୍ଡ, ମେଘାଳୟ, ଗୋଆ, ହିମାଚଳପ୍ରଦେଶ, ମହାରାଷ୍ଟ୍ର ଓ ସିକ୍କିମ ବିଧାନସଭାରେ କୌଣସି ମହିଳା ମନ୍ତ୍ରୀ ନାହାନ୍ତି।

**ମୁଖ୍ୟ ସଚିବଙ୍କୁ ଦକ୍ଷିଣ-ପୂର୍ବ ରେଳବାଇର ଚିଠି**

# ଉଦ୍‌ଘାଟନ ପୂର୍ବରୁ ରେଲୱେ ବିଭାଗକୁ ଜଣାଅ

**ଭୁବନେଶ୍ୱର:** ରେଳ ମାର୍ଗ ଉପରେ ରୋଡ୍ ଓଭରବ୍ରିଜ୍ (ଆରଓବି)ର ଉଦଘାଟନର ଯଥେଷ୍ଟ ପୂର୍ବରୁ ରେଲୱେ ବିଭାଗକୁ ଅବଗତ କରନ୍ତୁ। ଆଉ ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଷ୍ଟାଣ୍ଡାର୍ଡ ପ୍ରୋଟୋକଲ ପାଳନ କରି ଉଦଘାଟନ ସମାରୋହକୁ ସ୍ଥାନୀୟ ବିଧାୟକ/ସାଂସଦ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରନ୍ତୁ। ଏମିତି କିଛି କଡ଼ା ଭାଷାରେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ନିକଟକୁ ଦକ୍ଷିଣ-ପୂର୍ବ ରେଳବାଇର ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଯୋଶୀ ଚିଠି ଲେଖି ଆପତ୍ତି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିସେମ୍ବର ୨୨ତାରିଖରେ ବାଲେଶ୍ୱର ଜିଲ୍ଲା ଗସ୍ତରେ ଯାଇ ନୀଳଗିରି ରୋଡ-ବାଲେଶ୍ୱର ଷ୍ଟେସନ ମଧ୍ୟରେ ଥିବା ଶୋଭାରାମପୁରଠାରେ ଆରଓବି ଉଦଘାଟନ କରିଥିଲେ। ଏହି ଆରଓବି ଉଦଘାଟନ ନେଇ ସ୍ଥାନୀୟ ସାଂସଦ କିମ୍ବା ରେଳବାଇ ବିଭାଗକୁ ରାଜ୍ୟ ସରକାର ଅବଗତ କରିନଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ସୂଚନା ଅନୁସାରେ ଦକ୍ଷିଣପୂର୍ବ ରେଳବାଇର ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଯୋଶୀ ଗତ ୩ତାରିଖରେ ରାଜ୍ୟ ମୁଖ୍ୟ ସଚିବ ଶ୍ରୀ ମହାପାତ୍ରଙ୍କ ନିକଟକୁ ଚିଠି ଲେଖି ଆରଓବି ଉଦଘାଟନ ପୂର୍ବରୁ ରେଳବାଇକୁ ଅବଗତ କରିବା ନିମନ୍ତେ କହିଛନ୍ତି। ସେ ଡିସେମ୍ବର ୨୨ତାରିଖରେ ବାଲେଶ୍ୱର ଜିଲ୍ଲାର ଶୋଭାରାମପୁରଠାରେ ଆରଓବିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦଘାଟନ କରିବା ସଂକ୍ରାନ୍ତ ଘଟଣାକୁ ଉଲ୍ଲେଖ ନକରି କହିଛନ୍ତି ଯେ, ଆରଓବି ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ରେଳବାଇକୁ ଅବଗତ




ନକରି ରାଜ୍ୟ ସରକାର ଏହାକୁ ଉଦଘାଟନ କରୁଛନ୍ତି। କେତେକ କ୍ଷେତ୍ରରେ ସ୍ଥାନୀୟ ଜନ ପ୍ରତିନିଧି ଓ ସାଂସଦମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଉନାହିଁ। ଆରଓବି ନିର୍ମାଣ ସାଧାରଣତଃ ରେଳବାଇ ଓ ରାଜ୍ୟ ସରକାରଙ୍କ ଆର୍ଥିକ ଭାଗିଦାରୀରେ ହୋଇଥାଏ। ଆରଓବି ନିର୍ମାଣ ଶେଷ ହୋଇଗଲେ ସେଠାରେ ଥିବା ଲେଭଲ କ୍ରସିଂକୁ ତୁରନ୍ତ ବନ୍ଦ କରିବାର ଆବଶ୍ୟକତା ରହିଛି। ଆଉ ସେହି ସେକ୍ସନର ଟ୍ରେନ ୱାର୍କିଂ ରୁଲ୍ ଅନୁସାରେ ଏହି ଲେଭଲ କ୍ରସିଂ ବନ୍ଦ ପାଇଁ ଅନୁମୋଦନ ମଧ୍ୟ ଜରୁରୀ। ତେଣୁ ନିର୍ଦ୍ଧାରିତ ସମୟରେ ଲେଭଲକ୍ରସିଂ ବନ୍ଦ କରିବା ପାଇଁ ରେଳବାଇକୁ ଆଗୁଆ ଅବଗତ କରିବା, ଆରଓବି କାର୍ଯ୍ୟକ୍ଷମ କରିବା ପୂର୍ବରୁ ଆଗୁଆ ଜଣାଇବା ଏବଂ ଷ୍ଟାଣ୍ଡାର୍ଡ ପ୍ରୋଟୋକଲ ପାଳନ କରି ଉଦଘାଟନ ସମାରୋହକୁ ସ୍ଥାନୀୟ ବିଧାୟକ/ସାଂସଦଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ସେ ମୁଖ୍ୟ ସଚିବଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୨ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତରେ ଯାଇ ୧୮୦୬ କୋଟି ଟଙ୍କାର ୧୯୧ଟି ପ୍ରକଳ୍ପର ଉଦଘାଟନ କରିଥିଲେ। ଏହି ଗସ୍ତବେଳେ ଶୋଭାରାମପୁରଠାରେ ନିର୍ମିତ ଆରଓବିକୁ ମଧ୍ୟ ଉଦଘାଟନ କରିଥିଲେ। ମାତ୍ର ରେଳବାଇ ଅଧିକାରୀ ଓ ସ୍ଥାନୀୟ ସାଂସଦଙ୍କୁ ଏନେଇ ସୂଚନା ଦିଆଯାଇନଥିଲା। ରେଳବାଇ ବିଭାଗର ସୁରକ୍ଷା ସାର୍ଟିଫିକେଟ୍ ବିନା ମଧ୍ୟ ଏହି ଆରଓବି ଉଦଘାଟନ ହୋଇଥିଲା। ଏହି ଉଦଘାଟନ ସଂକ୍ରାନ୍ତରେ ଖବର ପାଇବା ପରେ ଡିଭିଜିନାଲ ରେଳବାଇ ମ୍ୟାନେଜର ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆପତ୍ତି ଉଠାଇବା ସହ ଜାନୁୟାରୀ ପ୍ରଥମ ସପ୍ତାହରେ ଉଦଘାଟନ କାର୍ଯ୍ୟକ୍ରମ ସ୍ଥିର କରିବା ନିମନ୍ତେ ପରାମର୍ଶ ଦେଇଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇନଥିଲା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଆରଓବିକୁ ଉଦଘାଟନ କରିଥିଲେ।

**ଏନ୍‌ଜିଟିରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରସଙ୍ଗ**

# ୧୧୩୮ କୋଟି ଟଙ୍କାର କ୍ଷତିପୂରଣ ଦେବାରୁ ବର୍ତ୍ତିଲେ ରାଜ୍ୟ ସରକାର

**କଟକ :** ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପାଳନରେ ଅବହେଳା ପାଇଁ ଓଡ଼ିଶା ସରକାର ୧୧୩୮ କୋଟି ଟଙ୍କା କ୍ଷତିପୂରଣ ଦେବାରୁ ଅଳ୍ପକେ ବର୍ତ୍ତିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ବିଭିନ୍ନ ରାଜ୍ୟର କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରସଙ୍ଗ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ତଦାରଖ କରୁଛନ୍ତି। ଓଡ଼ିଶା ପ୍ରସଙ୍ଗରେ ଏନ୍‌ଜିଟିରେ ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ରାଜ୍ୟରେ ପ୍ରତିଦିନ ୨୨୫୭ ଟନ୍ (ଟିପିଡି ବା ଟନ୍ ପର୍ ଡେ')) ବର୍ଜ୍ୟ ସୃଷ୍ଟି ହେଉଛି। ଏଥିମଧ୍ୟରେ ଓଦା ବର୍ଜ୍ୟ ୧୧୫୮ ଟିପିଡି ଓ ଶୁଖିଲା ବର୍ଜ୍ୟ ୧୦୯୯ ଟିପିଡି ରହିଛି। ଏହିସବୁ ବର୍ଜ୍ୟବସ୍ତୁ ନିୟମ ଅନୁସାରେ ପ୍ରକ୍ରିୟାକରଣ/ପରିଚାଳନା କରାଯାଉଛି। ଅନ୍ୟପକ୍ଷରେ, ରାଜ୍ୟରେ ୩୭.୪୬ ମେଟ୍ରିକ୍ ଟନ୍ ପୁରୁଣା ବର୍ଜ୍ୟ (ଲିଗାସି ୱେଷ୍ଟ) ପଡ଼ିରହିଛି। ଏଥିସହିତ ରାଜ୍ୟରେ ବହୁ ପରିମାଣର ସିୱେଜ (ବର୍ଜ୍ୟ ଜଳ) ଟ୍ରିଟ୍‌ମେଣ୍ଟ (ବିଶୋଧନ) ନକରି ସିଧାସଳଖ ନଦୀ/ନାଳ/ଜଳାଶୟକୁ ଛଡ଼ାଯାଉଥିବା ଶୁଣାଣିରେ ସ୍ପଷ୍ଟ



ହୋଇଥିଲା। ରାଜ୍ୟରେ ପ୍ରତିଦିନ ୬୪୨.୩୭୩ ନିୟୁତ ଲିଟର (ଏମଏଲଡି ବା ମିଲିୟନ ଲିଟର ପର୍ ଡେ') ବର୍ଜ୍ୟଜଳ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ, ରାଜ୍ୟରେ ୧୨୮ ଏମଏଲଡି ବର୍ଜ୍ୟଜଳ ଟ୍ରିଟମେଣ୍ଟ ବା ବିଶୋଧନ ପାଇଁ ବ୍ୟବସ୍ଥା ରହିଛି। ତେଣୁ ସୃଷ୍ଟି ହେଉଥିବା ବର୍ଜ୍ୟଜଳ ଓ ଟ୍ରିଟମେଣ୍ଟ ହେଉଥିବା ବର୍ଜ୍ୟଜଳ ପରିମାଣ ମଧ୍ୟରେ ୫୧୪ ଏମ୍‌ଏଲଡିର ବ୍ୟବଧାନ ରହିଥିବା ଜଣାପଡ଼ିଥିଲା। ପୂର୍ବରୁ ଏନଜିଟି ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ପ୍ରସଂଗରେ ଶୁଣାଣି କରି ପ୍ରତି ଏମଏଲଡି ପାଇଁ ୨ କୋଟି ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରିଥିଲେ। ଏଥିସହିତ ପୁରୁଣା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଇ ନଥିବାରୁ ପ୍ରତି ମେଟ୍ରିକ ଟନ୍ ପାଇଁ ୩୦୦ ଟଙ୍କା କ୍ଷତିପୂରଣ ଦେବାକୁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ। ପଶ୍ଚିମବଙ୍ଗ ସରକାରଙ୍କୁ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନାରେ ଅବହେଳା ପାଇଁ ମୋଟ ୩ହଜାର ୫ଶହ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ଜ୍ୟଜଳ ସୃଷ୍ଟି ଓ ବିଶୋଧନ ପରିମାଣ ମଧ୍ୟରେ ୫୧୪ ଏମଏଲଡିର ବ୍ୟବଧାନ ଓ ୩୭ ଲକ୍ଷ ମେଟ୍ରିକ ଟନର ପୁରୁଣା ବର୍ଜ୍ୟବସ୍ତୁ ପ୍ରସଂଗକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ସ୍ୱୀକାର କରିଥିବା ବେଳେ ରାଜ୍ୟ ସରକାର ୧୧୩୮ କୋଟି ଟଙ୍କା କ୍ଷତିପୂରଣ ଦେବା କଥା ବୋଲି ଏନ୍‌ଜିଟି କହିଛନ୍ତି। ତେବେ, ଯଦି ରାଜ୍ୟ ସରକାର ଆବଶ୍ୟକ କ୍ଷମତା ସଂପନ୍ନ ବର୍ଜ୍ୟ ଜଳ ବିଶୋଧନାଗାର ବା ଟ୍ରିଟମେଣ୍ଟ ପ୍ଲାଣ୍ଟ ନ କରନ୍ତି, ତେବେ ଭବିଷ୍ୟତରେ ଏନ୍‌ଜିଟି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେବାର ସମ୍ଭାବନା ରହିଛି। ବର୍ଜ୍ୟବସ୍ତୁ ପରିଚାଳନା ପ୍ରସଂଗରେ ହେଉଥିବା ଅଗ୍ରଗତି ନେଇ ପ୍ରତି ୬ ମାସରେ ମୁଖ୍ୟ ସଚିବ ରିପୋର୍ଟ ଦାଖଲ କରିବେ ବୋଲି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

# ୨୪ରେ ରାଜ୍ୟ ବଜେଟ୍

**ଭୁବନେଶ୍ୱର :** ଆସନ୍ତା ୨୧ତାରିଖରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହୋଇ ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୨ ଓ ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ୧୦ରୁ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବାର କାର୍ଯ୍ୟକ୍ରମ ରହିଛି। ୨୪ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୧ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ଅଭିଭାଷଣରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ଉକ୍ତଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆସିବ ଏବଂ ୨୨ ଓ ୨୩ ତାରିଖ ଦୁଇଦିନ ଧରି ଗୃହରେ ଏହା ଉପରେ ଆଲୋଚନା ହେବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୪ତାରିଖରେ ବାର୍ଷିକ ବଜେଟ୍ ଉପସ୍ଥାପନ



କରିବେ। ୨୫ ଓ ୨୬ତାରିଖ ଛୁଟି ଥିବାବେଳେ ୨୭ ଓ ୨୮ ଏବଂ ମାର୍ଚ୍ଚ ୧ରେ ବଜେଟ୍ ଉପରେ ସାଧାରଣ ଆଲୋଚନା ହେବ। ୨ରୁ ୯ତାରିଖ ପର୍ଯ୍ୟନ୍ତ ବଜେଟ୍ ଅଧିବେଶନ ମୁଲତବୀ ରହିବ। ମାର୍ଚ୍ଚ ୧୦ରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ମାର୍ଚ୍ଚ ୩୧ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ ହେବ। ଏପ୍ରିଲ ୧ ଓ ୨ତାରିଖ ଛୁଟି ଥିବାବେଳେ ୩ ଓ ୫ ତାରିଖ ସରକାରୀ କାର୍ଯ୍ୟଦିବସ ଏବଂ ୪ତାରିଖ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସନ୍ ପାଇଁ ଉଦ୍ଦିଷ୍ଟ ରହିଛି।

**ଚିନ୍ତା ବଢ଼ାଇଲା ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର**

# ଏନଫୋର୍ସମେଣ୍ଟ କଡ଼ାକଡ଼ି କରିବାକୁ ପରିବହନ ବିଭାଗର ନିଷ୍ପତ୍ତି

**ଭୁବନେଶ୍ୱର :** ରାଜ୍ୟରେ କମିବା ନାଁ ନେଉନି ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ। ସିଆଇଡି ଓ କ୍ରାଇମବାଞ୍ଚ ଦେଇଛି ଚିନ୍ତାଜନକ ରିପୋର୍ଟ। ଯେଉଁଥିରେ ୨୦୨୧ ତୁଳନାରେ ୨୦୨୨ରେ ୯.୦୯ପ୍ରତିଶତରୁ ଅଧିକ ବଢ଼ିଛି ମୃତ୍ୟୁହାର। ଏପରିକି ୬ଟି ଜିଲ୍ଲାରେ ଏହା ୨୦ ପ୍ରତିଶତ ବୃଦ୍ଧି ପାଇଛି। ଢେଙ୍କାନାଳ, ଭଦ୍ରକ, ପୁରୀ, ସୁବର୍ଣ୍ଣପୁର, ଦେବଗଡ଼ ଓ ନୟାଗଡ଼ରେ ଏହା ୨୦ ପ୍ରତିଶତରୁ ଅଧିକ ବଢ଼ିଛି। ସେହିପରି ସୁନ୍ଦରଗଡ଼, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, କଟକ, ସମ୍ବଲପୁର, କୋରାପୁଟ ଓ ଯାଜପୁରରେ ୨୦୦ରୁ ଅଧିକ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଛି। ଏହାକୁ ଦୃଷ୍ଟିରେ ରଖି ଏନଫୋରସମେଣ୍ଟ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛି ପରିବହନ ବିଭାଗ। ଏଣିକି ପ୍ରତି ମଙ୍ଗଳବାରକୁ ଜିରୋ ଟଲରାନସ୍ ଡେ ଭାବେ ପାଳନ କରି ସଡ଼କ ସୁରକ୍ଷା ନିୟମ ଉଲଂଘନକାରୀଙ୍କ ମନରେ ଭୟ ସୃଷ୍ଟି କରିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର। ଦ୍ରୁତ ଗାଡ଼ି ଚାଳକ, ମଦ୍ୟପ ଡ୍ରାଇଭର, ଭୁଲ ସାଇଡ୍ ଡ୍ରାଇଭିଂ, ମୋବାଇଲ ଫୋନରେ ଗପି ଗାଡି ଚଲାଉଥିବା ଲୋକ, ହେଲମେଟ ଓ ସିଟ ବେଲ୍ଟ



ନ ପିନ୍ଧିଥିବା ନିୟମ ଉଲଂଘନକାରୀଙ୍କ ପାଇଁ ମଙ୍ଗଳବାର ଏନଫୋରସମେଣ୍ଟ କଡ଼ାକଡ଼ା କରିବେ ପୋଲିସ ଓ ଆରଟିଓ। ଯାହାର ମାସିକ ରିପୋର୍ଟ ପରିବହନ କମିଶନରଙ୍କୁ ପଠାଯିବ । ସେହିପରି ଏପ୍ରିଲ ୧ରୁ ୭ ଯାଏ ଜିରୋ ଫାଟାଲିଟି ୱିକ୍ ଭାବେ ପାଳନ କରାଯିବ। ଏହି ସପ୍ତାହ ଭିତରେ ରାଜ୍ୟରେ ଯେପରି ଗୋଟାଏ ବି ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ନ ହୁଏ, ସେ ମିଳିତ ପଦକ୍ଷେପ ନିଆଯିବ। ଏଥି ପାଇଁ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଖସଡ଼ା ସାରିବାକୁ ତାଲିକା ପ୍ରସ୍ତୁତ ହୋଇଛି। ଏହି ଖସଡ଼ାକୁ ସ୍ୱାସ୍ଥ୍ୟ, ପୂର୍ତ୍ତ, ଜାତୀୟ ରାଜପଥ, ଗ୍ରାମୀଣ ବିକାଶ, ଗୃହ, ନଗର ଉନ୍ନୟନ ଓ ପରିବହନ କମିଶନର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# 'ମାଟି କଣ୍ଢେଇ' ଶିଳ୍ପୀ ଉର୍ବଶୀଙ୍କୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର

**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ବୟନ, ହସ୍ତତନ୍ତ, ଓ ହସ୍ତଶିଳ୍ପ ବିଭାଗର ଓଡିଶା ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଦତ୍ତ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର -୨୧ ମୂଳ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ମଥୁରା ଗ୍ରାମ ତଥା ପୁରୁଣା ଭୁବନେଶ୍ୱର ଶାସନ ପଡିଆ ନିବାସୀ ଉର୍ବଶୀ ମହାରଣା ଓଡିଶାର ପ୍ରଥମ ମହିଳା କାରିଗର ଭାବେ 'ମାଟି କଣ୍ଢେଇ' (ରାଧାକୃଷ୍ଣଙ୍କ ରାସ ଲୀଳା)ର ଉତ୍କର୍ଷତା କାରିଗରୀ ପାଇଁ ବିଭାଗୀୟ ମନ୍ତ୍ରୀ ରୀତା ସାହୁ, ପ୍ରମୁଖ ସଚିବ ଡଃ ଅରବିନ୍ଦ ପାଢ଼ୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ ପ୍ରମୁଖ ଜନତା ମଇଦାନରେ ଆୟୋଜିତ ୧୭ତମ ଜାତୀୟ ତୋଷାଳି ମେଳା ଅବସରରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମାନପତ୍ର, ସ୍ମୃତି ଫଳକ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ପ୍ରକାଶ ଥାଉକି ଶ୍ରୀମତୀ ମହାରଣା ୧୯୬୯ ମସିହାରେ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ନିକଟସ୍ଥ ଚଡିଆପଲ୍ଲୀ ଗ୍ରାମରେ ଜନ୍ମଗ୍ରହଣ କରି ପିଲାଟି ଦିନରୁ ମା କମଳା ଏବଂ ଜେଜେମାଙ୍କ ଠାରୁ ଗୋବର କଣ୍ଢେଇ ଗଢିବା କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ସମୟକ୍ରମେ ଉର୍ବଶୀ ଖ୍ୟାତି ସମ୍ପନ୍ନ ଜାତୀୟ ପୁରସ୍କାର ପ୍ରାପ୍ତ ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ସୁଧିର କୁମାର ମହାରଣାଙ୍କୁ ବିବାହ କରିବା ପରେ ସ୍ୱାମୀଙ୍କ ପ୍ରେରଣା ଓ ଆଇଶାଶୁ ସ୍ୱ ସତ୍ୟଭାମା ମହାରଣାଙ୍କ ମାର୍ଗଦର୍ଶନ ଯୋଗୁଁ ନିଜ କଳା ଜୀବନର ଗତିପଥ ବଦଳି ଯାଇଥିଲା। ଫଳସ୍ୱରୂପ ସେ ନିଜର କଳାକାର ଜୀବନର ସ୍ୱୀକୃତି ସ୍ୱରୂପ ବିଭିନ୍ନ ହସ୍ତକଳା ପ୍ରଦର୍ଶନୀ,କର୍ମଶାଳା ଓ ଶିବିରରେ ଯଥା ନୂଆଦିଲ୍ଲୀ ସ୍ଥିତ ହସ୍ତକଳା ସଂଗ୍ରହାଳୟ, ସିସିଆରଟି, ଇନ୍ଦିରା ଗାନ୍ଧି ମେମୋରିଆଲ୍ ଟ୍ରଷ୍ଟ , ଇନ୍ଦିରା ଗାନ୍ଧି ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟ (ବରୋଦା) ଏବଂ ଚିଲିକା ସ୍କେଲଡକ କାର୍ଣ୍ଣିନାଲ୍-୨୦୨୨ ରେ ଯୋଗ ଦେଇ ନିଜର କଳା ପ୍ରତିଭାକୁ ଲୋକାଭିମୁଖୀ କରିପାରିଥିଲେ। ଗୋବର, ପାଉଁଶ ଏବଂ ଆପଚା (କଇଁଆ ମଞ୍ଜି) ଅଠାରୁ



ପ୍ରସ୍ତୁତ ଘୋଡ଼ା, ହାତୀ, ବାଘ, ଶୁଆଶାରୀ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ମାଙ୍କଡ ପରି ଭଳିକିଭଳି କଣ୍ଢେଇ ତିଆରି କରି ପ୍ରାକୃତିକ ରଙ୍ଗରେ ରଙ୍ଗାଇତ କରି ତାକୁ ଜୀବନ୍ତ କରି ବିକିବା ଯୋଗ୍ୟ କରାଇ ଥାନ୍ତି। ମାତ୍ର ୧୦ ଟଙ୍କାରୁ ଆରମ୍ଭ କରି ୨୦୦୦ ଟଙ୍କାରେ ବିକ୍ରି ହେଉଥିବା କଣ୍ଢେଇ ତିଆରି କରି ସ୍ୱଳ୍ପ ଆୟରେ ଆଜିର ବ୍ୟୟବହୁଳ ଦୁନିଆରେ ଗୁଜରାଣ ମେଣ୍ଟାଇବା କଷ୍ଟସାଧ ବୋଲି ଉର୍ବଶୀ କ୍ଷୋଭ ପ୍ରକାଶ କରିଛନ୍ତି। ଏବଂ ଗଞ୍ଜାମ ଜିଲ୍ଲାର ଅନେକ ମହିଳା କାରିଗର ହାତ ବାନ୍ଧି ବସିବା ସହ ଅନନ୍ୟ ଉପାୟ ନପାଇ ଅନ୍ୟ ରୋଜଗାରକୁ ଆପଣେଇ ନେଉଛନ୍ତି। ବିଲୁପ୍ତ ହେବାକୁ ଥିବା ଏହି କଣ୍ଢେଇର ସଂରକ୍ଷଣ ଓ ସ୍ଥାୟିତ୍ୱ ସମୟ ହିଁ କହିବ। ମାଟି କଣ୍ଢେଇରେ ପ୍ରଥମ ଥର ପାଇଁ ପୁରସ୍କୃତ ହୋଇଥିବାରୁ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ସମସ୍ତ କର୍ମକର୍ତ୍ତା,ବିଚାରକ ମଣ୍ଡଳୀ ଏବଂ କାରିଗର ଭାଇ ଓ ଭଉଣୀ ମାନଙ୍କୁ ସାଧୁବାଦ ଜ୍ଞାପନ କରିବା ସହ ଉକ୍ତ ବିଲୁପ୍ତ ହସ୍ତକଳାର ପ୍ରଚାର ଓ ପ୍ରସାର ପାଇଁ ଚେଷ୍ଟା କରିବି ବୋଲି ଆଶାବ୍ୟକ୍ତ କରିଛନ୍ତି।

**ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସ୍ୱତନ୍ତ୍ର ପ୍ରୟାସ**

# ତୃଣମୂଳସ୍ତରରୁ ସଚେତନତା ସୃଷ୍ଟି ପାଇଁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର :** ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସରକାରୀ ସ୍ତରରେ ଯାରି ପ୍ରୟାସକୁ ଆହୁରି ବ୍ୟାପକ କରାଯିବ। ଦୈନିକ ଆର୍ଥିକ ଏବଂ ମହିଳା ଓ ଶିଶୁମାନଙ୍କ ଉପରେ ଯୌନଜନିତ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ନିମନ୍ତେ ଏକ ବୈଠକ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ତୃଣମୂଳ ସ୍ତରରେ ସାଇବର ଅପରାଧ ବିରୋଧି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ, ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସମେତ ଉକ୍ତ ଅଭିଯାନରେ ସବୁ ବର୍ଗକୁ ସାମିଲ କରିବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ଏଥି ନିମନ୍ତେ ୩୪ଟି ସଚେତନତା ରଥ ରାଜ୍ୟର ପ୍ରତ୍ୟେକ ଥାନାକୁ ଗସ୍ତ କରି ଭିଡ଼ିଓ ଅଡ଼ିଓ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ



କରିବ। ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରର କାନ୍ଥରେ ପେଣ୍ଟିଂ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଏପରିକି ବିଦ୍ୟାଳୟ ସ୍ତରରେ ଅଭିଭାବକ-ଶିକ୍ଷକ ମାନଙ୍କ ବୈଠକରେ ସାଇବର କ୍ରାଇମ ପ୍ରତି ସଚେତନ ରହିବାକୁ ମଧ୍ୟ ଆଲୋଚନା ହେବ। ଅର୍ଥ ନେଣଦେଣ ପୂର୍ବରୁ ସତ୍ୟତା ଯାଞ୍ଚ କରିବା, ଅଜଣା ବ୍ୟକ୍ତିଙ୍କ ସହ ଅନାବଶ୍ୟକ ବନ୍ଧୁତା ରକ୍ଷା ନକରିବା, ଅଜଣା ଏସଏମଏସ, ଲିଙ୍କ କିମ୍ବା ସନ୍ଦେହାତ୍ମକ ଆପ୍ ଡାଉନଲୋଡ ନକରିବା ଉପରେ ମୁଖ୍ୟତଃ ସଚେତନ ସୃଷ୍ଟି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଉଭୟ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ମଧ୍ୟ ଅଭିଯାନ ଯାରି ରହିବ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମଧ୍ୟ ନିୟମିତ ଭାବେ ସାଇବର ଅପରାଧ ନିୟନ୍ତ୍ରଣ ଜନିତ ବାର୍ତ୍ତା ପ୍ରଦାନ କରାଯିବ। ଏଥି ନିମନ୍ତେ ବିଭିନ୍ନ ଆଲୋଚନା ଚକ୍ରର ମଧ୍ୟ ଆୟୋଜନ କରାଯିବ। ଏପରିକି "ସଚେତନ ରହିବା ଏବଂ ସୁରକ୍ଷିତ ରହିବା-ସାଇବର ଅପରାଧ ମୁକ୍ତ ଓଡ଼ିଶା" ଉପରେ ରୋଡ ରନ, ସାଇକ୍ଲୋଥନ, ଶୋଭାଯାତ୍ରା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ ଓ କୁଇଜ ପ୍ରତି ଯୋଗିତା ମଧ୍ୟ କରାଯିବ। ଏଭଳି ଅଭିଯାନ ଆରମ୍ଭ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ। ସୂଚନାଯୋଗ୍ୟ ଦେଶରେ ୨୦୨୧ ମସିହାରେ ୫୨ ହଜାର ୯୭୫ ମାମଲା ପଞ୍ଜିକୃତ ହୋଇଥିଲା ଯାହା ଏହାର ପୂର୍ବ ବର୍ଷ ଅପେକ୍ଷା ସାଇବର ଅପରାଧଜନିତ ମାମଲାରେ ୫.୯ ପ୍ରତିଶତ ବୃଦ୍ଧି ପାଇଥିଲା। ସେହିଭଳି ଓଡ଼ିଶାରେ ୨୦୧୯ ମସିହାରେ ୧୪୮୫ଟି, ୨୦୨୦ ରେ ୧୯୩୧ ଏବଂ ୨୦୨୧ ରେ ୨୦୩୭ଟି ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ସାଇବର ହେଲ୍ପ ଡେସ୍କ ମାଧ୍ୟମରେ ରାଜ୍ୟରେ ୨୦୨୧ ମସିହାରେ ୩୪୦୨ଟି ପିଟିସନ ଗ୍ରହଣ କରାଯାଇଥିବା ବେଳେ ୨୦୨୨ ମସିହାରେ ୭୭୦୦ଟି ପିଟିସନ ଗ୍ରହଣ କରାଯାଇଛି। କୌଣସି ବ୍ୟକ୍ତି ସାଇବର ଜନିତ ଅପରାଧ ସଂପର୍କରେ ଅଭିଯୋଗ କରିବାକୁ ହେଲେ ୧୯୩୦ ସହ ଯୋଗାଯୋଗ କରି ଅଭିଯୋଗ କରିପାରିବେ। ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଇଲୋକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଡ଼ଃ ସନ୍ତୋଷ ବାଲା, ଡିଜିପି ସୁନିଲ ବଂଶଲ, ମିଶନ ଶକ୍ତି ବିଭାଗ ଶାସନ ସଚିବ ସୁଜାତା କାର୍ତ୍ତିକେୟନ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଅଶ୍ୱଥି ଏସ୍, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଆଇଜି ଅଫ ପୋଲିସ ସି.ଆଇ.ଡି. ସି.ବି ସିଫିନ୍ ଅହମ୍ମଦ କେ. ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଥର ଗତିରେ ମାଣ୍ଡିଆ ସଂଗ୍ରହ

## ମାସକରେ ୧୧% ଚାଷୀ ବିକିଲେ




**ଭୁବନେଶ୍ୱର :** ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ମାଣ୍ଡିଆ ସଂଗ୍ରହ ଲକ୍ଷ୍ୟ ୩ ଗୁଣ ବୃଦ୍ଧି ପାଇଛି। ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ ପାଖାପାଖି ୧ ମାସ ମଧ୍ୟରେ ୧୧ ପ୍ରତିଶତ ପଞ୍ଜୀକୃତ ଚାଷୀଙ୍କ ଠାରୁ ମାଣ୍ଡିଆ ସଂଗ୍ରହ କରାଯାଇ ପାରିଛି। ୩୧୮ରୁ ୧୮୩ ମଣ୍ଡି ଖୋଲି ପାରିନାହିଁ। ତେଣୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଉଭୟ ମିଲେଟ୍ ମିସନ ଏବଂ ସଂଗ୍ରହକାରୀ ସଂସ୍ଥା ଆଦିବାସୀ ଉନ୍ନୟନ ସମବାୟ ନିଗମ ପାଇଁ ଚ୍ୟାଲେଞ୍ଜ ରହିବ। ଫେବ୍ରୁଆରି ୧୫ସୁଦ୍ଧା ସଂଗ୍ରହ କାର୍ଯ୍ୟ ସ୍ୱାଭାବିକ ହେବ ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବ ବୋଲି ଟିଡିସିଏଲ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ କେବଳ ମାଣ୍ଡିଆ ସଂଗ୍ରହ ପାଇଁ ୨୧୫ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି ସରକାର। ତେଣୁ ପୂର୍ବ ବର୍ଷ ମାନଙ୍କରେ ଯେତେ ମାଣ୍ଡିଆ ଚାଷ ହୋଇଥିଲା ଚଳିତ ବର୍ଷ କାହିଁରେ କେତେ ବୃଦ୍ଧି ପାଇଛି। ୨୦୨୨ ମସିହାରେ ପଞ୍ଜୀକୃତ ୪୦ ହଜାର ଚାଷୀଙ୍କ ଠାରୁ ୬ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୪୩୫୬ ଚାଷୀଙ୍କ ଠାରୁ ଆଦିବାସୀ ଉନ୍ନୟନ ସମବାୟ ନିଗମ ୩୮ ହଜାର କ୍ୱିଣ୍ଟାଲ ମିଲେଟ୍ ସଂଗ୍ରହ କରିଛି। ହେଲେ ପ୍ରଥମ କରି ମିଲେଟ୍ ମିସନରେ ସାମିଲ ହୋଇଥିବା ୪ ଜିଲ୍ଲା ଢେଙ୍କାନାଳ, ଝାରସୁଗୁଡ଼ା, ନୟାଗଡ଼ ଏବଂ ବୌଦ୍ଧ ସମେତ କନ୍ଧମାଳ ଏବଂ କେନ୍ଦୁଝର ଜିଲ୍ଲାରେ ମଣ୍ଡି ଖୋଲି ପାରିନାହିଁ। କଳାହାଣ୍ଡି, ବରଗଡ଼ରେ ମଧ୍ୟ ସଂଗ୍ରହ କାର୍ଯ୍ୟ ସ୍ୱାଭାବିକ ହୋଇ ପାରିନାହିଁ। ରାୟଗଡ଼ା, ମାଲକାନଗିରି, କୋରାପୁଟରେ ଅମଳ ବିଳମ୍ବିତ ହୋଇଥିବାରୁ ସେଠାରେ ସଂଗ୍ରହ କାର୍ଯ୍ୟ ମନ୍ଥର ରହିଛି। ଫେବ୍ରୁଆରି ସୁଦ୍ଧା ସ୍ୱାଭାବିକ ହେବା ନେଇ ଆଶା ରହିଛି। କୋରାପୁଟ ଚାଷୀଙ୍କ କହିବା ଅନୁସାରେ, ସରକାର ଧାର୍ଯ୍ୟ ଲକ୍ଷ୍ୟ ବଢାଇଛନ୍ତି ସତ କିନ୍ତୁ ଏକର ପିଛା ମାଣ୍ଡିଆ ସଂଗ୍ରହ ବୃଦ୍ଧି କରାଯାଇ ନାହିଁ। ଏହାର ଲାଭ ଉଠାଇ ବିଭିନ୍ନ ସାମାଜିକ ସଂଗଠନ ବ୍ୟାପକ ଭାବରେ ମିଛ ମାଣ୍ଡିଆ ବିକ୍ରି ପାଇଁ ସୁଯୋଗ ପାଉଛନ୍ତି। ଅର୍ଥାତ ଚଳିତ ବର୍ଷ ଏକର ପିଛା ୮ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଯେଉଁ ଉତ୍ସାହୀ ଚାଷୀମାନେ ଏକର ପିଛା ୮ କ୍ୱିଣ୍ଟାଲରୁ ଅଧିକ ଉତ୍ପାଦନ କରୁଛନ୍ତି, ସେମାନେ ବାଧ ହୋଇ ଖୋଲା ବଜାରରେ ସରକାରଙ୍କ ଧାର୍ଯ୍ୟ ଦର ଠାରୁ ଅଳ୍ପ ଦରରେ ବିକ୍ରି କରିବେ। ସାମାଜିକ ସଂଗଠନ ଏବଂ ବ୍ୟବସାୟୀମାନେ ମିଛ ପଞ୍ଜୀକରଣ କରାଇ ଏମଏସ୍‌ପିର ଲାଭ ନେବାର ଆଶଙ୍କା ରହିଛି। ଦ୍ୱିତୀୟତଃ ଦକ୍ଷିଣ ଓଡ଼ିଶାରେ ଅଧିକ ସଂଖ୍ୟକ ମଣ୍ଡି ଏବଂ କ୍ରୟ କେନ୍ଦ୍ରର ଆବଶ୍ୟକତା ରହିଛି। ଅନେକ ଗାଁରେ ଚାଷୀଙ୍କୁ ୫ରୁ ୮ କିଲୋମିଟର ଦୂର ମଣ୍ଡିକୁ ଯିବା ପାଇଁ ମାତ୍ରାଧିକ ପରିବହନ ଖର୍ଚ୍ଚର ବୋଝ ସହିବାକୁ ପଡୁଛି। ସଠିକ ଗୁଣାତ୍ମକମାନ ପାଇଁ ମାଣ୍ଡିଆକୁ ମିଲିଂ କରିବାକୁ ପଡ଼ିଥାଏ। ଏଥିପାଇଁ ଚାଷୀଙ୍କୁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏଥିପ୍ରତି ସରକାର ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

# ମେ'ରୁ ଚାଲିବ ଆନ୍ତର୍ଜାତିକ ବିମାନ



**ଭୁବନେଶ୍ୱର :** ଆସନ୍ତା ମେ' ମାସରୁ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରୁ ସିଧାସଳଖ ଆନ୍ତର୍ଜାତିକ ବିମାନ ଚଳାଚଳ କରିବ। ଏଥିପାଇଁ ବିମାନ ଚଳାଚଳ କମ୍ପାନୀ ଇଣ୍ଡିଗୋ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ସିଙ୍ଗାପୁର, ଦୁବାଇ ଓ ବ୍ୟାଙ୍କକକୁ ସିଧାସଳଖ ବିମାନ ଉଡ଼ାଣ କରିବ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ, ଏମଓୟୁ ଅନୁସାରେ ଇଣ୍ଡିଗୋ ଦ୍ୱାରା ଭୁବନେଶ୍ୱରରୁ ସିଙ୍ଗାପୁର, ଦୁବାଇ ଓ ବ୍ୟାଙ୍କକକୁ ସିଧାସଳଖ ବିମାନ ଉଡ଼ାଣ କରାଯିବ। ଆନ୍ତର୍ଜାତିକ ବିମାନ ଚଳାଚଳ ନିମନ୍ତେ ମାର୍ଚ୍ଚ ସୁଦ୍ଧା ପୁରୁଣା ଟର୍ମିନାଲ କୋଠାକୁ ନବୀକରଣ କରାଯାଉଛି। ତା'ପରେ ଆନ୍ତର୍ଜାତିକ ବିମାନ ଚଳାଚଳର ଟ୍ରାଏଲ ହେବ ଓ ମେ' ମାସରୁ ଚୂଡ଼ାନ୍ତ ବିମାନ ଚଳାଚଳ କରିବ। ଏମଓୟୁ ଅନୁସାରେ ଇଣ୍ଡିଗୋଲ ଦ୍ୱାରା ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକକୁ ୧୮୬ସିଟ୍ ବିଶିଷ୍ଟ ବିମାନ ସିଧାସଳଖ ଚଳାଚଳ କରିବ। ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଟିକେଟ୍ ବିକ୍ରି ମାଧ୍ୟମରେ ରାଜ୍ୟ ସରକାର ରାଜସ୍ୱ ସଂଗ୍ରହ କରିବେ। ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୮ତାରିଖରେ ରାଜ୍ୟ କ୍ୟାବିନେଟ ଏହି ବିମାନ ଚଳାଚଳ ଯୋଜନାକୁ ଅନୁମୋଦନ କରିଥିଲେ। ଏବେ ଭୁବନେଶ୍ୱର ବିମାନ ବନ୍ଦରରୁ କୌଣସି ସିଧାସଳଖ ଆନ୍ତର୍ଜାତିକ ବିମାନ ଚଳାଚଳ କରୁନାହିଁ। ୨୦୧୭ ମସିହାରେ ଏୟାରଏସିଆ ଦ୍ୱାରା ଭୁବନେଶ୍ୱର-କ୍ୱାଲାଲମପୁରମ ଓ ଭୁବନେଶ୍ୱର-ବ୍ୟାଙ୍କକ୍ ମଧ୍ୟରେ ବିମାନ ଚଳାଚଳ କରିବା ନିମନ୍ତେ ରାଜ୍ୟ ସରକାର ସବସିଡି ଦେଉଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୬ - ୧୨ ଫେବୃଆରୀ, ୨୦୨୩


# ସମସ୍ତଙ୍କୁ ସମାନ ଅଧିକାର

ଅନ୍ୟ ଦେଶମାନଙ୍କ ତୁଳନାରେ ୨୦୨୩ରେ ଭାରତରେ ଅଭିବୃଦ୍ଧି ଘଟିବାନେଇ ଆକଳନ କରାଯିବା ଏକ ଶୁଭ ଖବର ହୋଇଥିଲେ ବି ଯୁବବର୍ଗଙ୍କ ନିମନ୍ତେ କର୍ମ ସଂସ୍ଥାନ ଯୋଗାଇବା ସରକାରଙ୍କ ଲକ୍ଷ୍ୟ ହେବା ଦରକାର। କେବଳ ଶିକ୍ଷା ଗ୍ରହଣ କରି ବେକାର ହୋଇ ବସିଲେ ପରିବାର ନା ଦେଶର ଉନ୍ନତି ହୋଇପାରିବନାହିଁ। ଏଥିପାଇଁ ଭିତ୍ତିଭୂମି ପ୍ରସ୍ତୁତ ସହିତ ଶିକ୍ଷିତ ବେକାରଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପଡିବ। ପ୍ରତିରକ୍ଷା ଭଳି ସବୁ ଦିଗ ପ୍ରତି ଧ୍ୟାନଦେବା ହିଁ ଆଜିର ଆହ୍ୱାନ। ଯଦିଓ ସାମ୍ପ୍ରତିକ ପରିସ୍ଥିତିରେ ଦେଶକୁ ସୁରକ୍ଷିତ ରଖିବା ସରକାରଙ୍କ ପ୍ରାଥମିକତା ସେଭଳି ଦେଶବାସୀ କିଭଳି ଭଲରେ ରହିବେ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ଦରଦାମ ଯାହା ରହିଛି,ତାହା ସବୁବର୍ଗର ଲୋକଙ୍କୁ ଶାନ୍ତି ଦେଉନାହିଁ। ସୀମାରେ ଉତ୍ତେଜନା ଯଦିଓ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ସେହିପରି ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ଉତ୍ଥାନ ପାଇଁ ପଦକ୍ଷେପ ନେବା ସରକାରଙ୍କ ପାଇଁ ଅପରିହାର୍ଯ୍ୟ। ସମାନତା ନରହିଲେ ବିଭେଦ ବଢିବା ସ୍ୱାଭାବିକ। ଅଳ୍ପ କେତେ ପରିବାର ସ୍ୱଚ୍ଛନ୍ଦ ବା ଧନୀ ହୋଇଗଲେ ଦେଶରେ ପ୍ରଗତି ହୋଇଛି ବୋଲି କୁହାଯାଇ ପାରିବନାହିଁ। ସରକାର ଯୋଜନା ପ୍ରଣୟନ ବେଳେ ଏଥିପ୍ରତି ଅଧିକ ଧ୍ୟାନ ନଦେଇ କେବଳ ଭୋଟ ଆଧାରିତ ଯୋଜନା କାର୍ଯ୍ୟକାରୀ କରିଦେଲେ ଏହା ସବୁବର୍ଗର ଲୋକଙ୍କ ହିତରେ ଲାଗିପାରିବ ନାହିଁ। ଯାହା ବି ଲାଗନ୍ତା,ଯୋଜନାର ଅର୍ଥ ବାଟମାରଣା ହେତୁ ବିକାଶ ମନ୍ଥର ହୋଇପଡୁଛି। ଯେଉଁ କାର୍ଯ୍ୟ ପାଇଁ ଯେତିକି ଅର୍ଥ ବରାଦ ହେଉଛି ସେଥିରୁ ଯଦି ଅଧିକ ଅର୍ଥ ବାଟମାରଣା ହେବ, ତେବେ ଯୋଜନା ସଫଳ ବୋଲି କିଏ କହିବ। ଦୁର୍ନୀତି ରୋକିବା ଦିଗରେ ସରକାରୀ କଳ କାର୍ଯ୍ୟ ନକରି ସରକାରୀ ଲୋକ ଯେତେବେଳେ ଦୁର୍ନୀତିର ବଡ଼ ଅଂଶ ହୋଇଯିବେ ସେଥିରୁ ବ୍ୟବସ୍ଥାର ଦିଗ ସଠିକ ବୋଲି କିପରି କହିପାରିବା। ଆଜିକାଲି ପ୍ରତ୍ୟେକ ନିର୍ମାଣ କାର୍ଯ୍ୟରେ ବଡ଼ ଭାଗ ପିସିରେ ଯାଉଥିବା ନେଇ ସମସ୍ତେ ଜାଣିଥିଲେ ମଧ୍ୟ ଏହାକୁ ରୋକାନଯିବା ଦୁର୍ଭାଗ୍ୟଜନକ। ଦୁର୍ନୀତି ରାକ୍ଷସ ଯୋଗୁଁ ପ୍ରତ୍ୟେକ କ୍ଷେତ୍ରରେ ସାଧାରଣ ଜନତା ଶୋଷିତ ହେଉଛନ୍ତି। ଯେଉଁମାନଙ୍କ ହାତରେ ଏହାକୁ ରୋକିବାର କ୍ଷମତା ରହିଛି, ସେମାନେ ଯେତେବେଳେ ଦୁର୍ନୀତିରେ ସଂଶ୍ଳିଷ୍ଟ ହୋଇପଡିବେ କାହାକୁ କିପରି ନ୍ୟାୟ ମିଳିବ। ଶିକ୍ଷା,ସ୍ୱାସ୍ଥ୍ୟ ଓ କୃଷିରେ ଦୁର୍ନୀତି ହେଲେ ମୂଳଦୁଆ ଦୃଢ଼ ହେବା ବଦଳରେ ଭିତରେ ଭିତରେ ଦୁର୍ବଳ ହୋଇଚାଲିବ। ଏଥିରେ କେବଳ ସରକାରଙ୍କ ଦୋଷ, ଦୁର୍ବଳତା ଅଛି ବୋଲି କହିଲେ ଚଳିବନାହିଁ। ଜନସାଧାରଣ ନିଜକୁ ନିଜେ ପ୍ରଶ୍ନ କରିବା ଉଚିତ ଯେ, ଦୁର୍ନୀତି ଆମେ କରୁନାହାନ୍ତି ତ !

କାରଣ ଭୋଟ ବେଳେ ଆମେ ପ୍ରାର୍ଥୀଙ୍କ ନିକଟରୁ ଯେଉଁ ଅର୍ଥ ନେଉଛେ, ତାଙ୍କ ଠାରୁ ଭୋଜିଭାତ, ମଦ, ମାଂସ ଖାଉଛେ ତାହା କଣ ଠିକ ? ସେତେବେଳେ ଆମେ ଚିନ୍ତା କରିପାରୁନେ ଯେ ଭୋଟ ବେଳେ ଏତେ ଏତେ ଟଙ୍କା ପ୍ରାର୍ଥୀ ଆମ ପିଛା କାହିଁକି ଖର୍ଚ୍ଚ କରୁଛନ୍ତି। ସାମୟିକ ଖୁସି ହେଉ କିମ୍ବା ଲୋଭର ବଶବର୍ତ୍ତୀ ହୋଇ ଆମେ ଯାହା କରୁଛେ ତାହା ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛି। କାରଣ ଯେଉଁ ପ୍ରାର୍ଥୀ ଅଧିକ ଟଙ୍କା ଖର୍ଚ୍ଚ ନିର୍ବାଚନ ଜିତି ଆମ ପାଇଁ ପ୍ରତିନିଧିତ୍ୱ କରିବେ,

ସମ୍ପାଦକୀୟ

ତାରକ ମହାନ୍ତି



ସିଏ ତାଙ୍କ ଟଙ୍କା ଫେରିପାଇବେ କିପରି ! ତେଣୁ ଯେକୌଣସି ଉପାୟରେ ସିଏ ତାଙ୍କ ମୂଳ ଟଙ୍କା ସହିତ ସୁଧ ଯୋଡି ଏଥିରେ ନିଜ ଖର୍ଚ୍ଚ ମିଶାଇ ନିଶ୍ଚୟ ଆଦାୟ କରିବେ। ତେବେ ଦୁର୍ନୀତିର ମୂଳଦୁଆ ଆମ ଠାରୁ ଆରମ୍ଭ ହେଉଛି କହିବାରେ ଅସୁବିଧା କଣ। ଥରେ ନିର୍ବାଚନ ଜିତି ସେ ପାଞ୍ଚବର୍ଷ ପାଇଁ ଆମକୁ ଭୁଲିଯିବା ସ୍ୱାଭାବିକ। କାରଣ ଆମେ ଉପଯୁକ୍ତ ପ୍ରାର୍ଥୀ ବଦଳରେ ଅର୍ଥ ନେଇ ଭୋଟ ଦେବା କାରଣରୁ ଯୋଗ୍ୟ ପ୍ରାର୍ଥୀ ବାଦ ପଡିଲେ ଓ ଅଯୋଗ୍ୟ ନିର୍ବାଚନ ଜିତିଗଲେ। ଏଥିରେ କେବଳ ଦୋଷ ନେତାଙ୍କର ବୋଲି କହିହେବ କି ?

ଆଜିକାଲି ଅନ୍ୟ ମୁଣ୍ଡରେ ଦୋଷ ଦେଇ ଖସିଯିବା ଲୋକଙ୍କ ସଂଖ୍ୟା କିଛି କମ ନୁହେଁ। ନିଜେ ପଣସ ଖାଇ ଅନ୍ୟ ମୁଣ୍ଡରେ ଦୋଷ ଲଦିବା ଲୋକଙ୍କ ଭିଡ଼ ଅଧିକ। ତେଣୁ ସାଧାରଣ ଜନତା ନେତାଙ୍କୁ ଦୋଷ ଦେଇ ନିଜେ ଖସିଯିବାର ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ତାହା ଗଣତନ୍ତ୍ର ପାଇଁ ବଡ଼ ବିପଦ। ଯଦିଓ ବିଶ୍ୱରେ ଆମ ଦେଶ ଦ୍ରୁତ ବିକାଶ ପଥରେ ଆଗେଇଚାଲିଛି ଏବଂ ମହାମାରୀ କରୋନାର କ୍ରୁର ସମୟକୁ ଅତିକ୍ରମ କରିଛି ତାହାରି ମଧ୍ୟରେ ବିକଶିତ ଭାରତର ଚିତ୍ର ସ୍ପଷ୍ଟ ଉଦ୍ଭାସିତ ହୋଇଉଠୁଛି। ତେବେ ଏହି ସ୍ୱର୍ଣ୍ଣାଭ ଚିତ୍ରର ବାସ୍ତବ ଦିଗ ହେଉଛି ଅମୃତ କାଳର ସଫଳ ଉପାଖ୍ୟାନ। ତେଣୁ ଗଣତନ୍ତ୍ରକୁ ଅଧିକ ସୁଦୃଢ କରିବାକୁ ହେଲେ ଆମକୁ ଏକତା ବଜାୟ ରଖି ଏକ ଦୁର୍ନୀତିମୁକ୍ତ ସମାଜ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଦରକାର। ବୃକ୍ଷକୁ ଘୁଣ ଖାଇଲେ ତାହା ବାହାରକୁ ଦୃଶ୍ୟମାନ ହେଉନଥିଲେ ବି ଭିତରେ ଭିତରେ ମଞ୍ଜ ଦୁର୍ବଳ ହୋଇଚାଲିଥାଏ। ପରେ ସମ୍ପୂର୍ଣ୍ଣ ବୃକ୍ଷଟି ଶୁଖି କାଠ ହୋଇଯାଏ। ସେହିଭଳି ଗଣତନ୍ତ୍ରର ମଞ୍ଜକୁ ଦୁର୍ନୀତିରୂପୀ ଘୁଣ ଖାଇଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଦେଶର ପ୍ରତ୍ୟେକ ଜନତା ଏକଥା ବୁଝିବା ଦରକାର। ନିର୍ବାଚନରେ ସ୍ୱଚ୍ଛତା ନଆସିଲେ ଭ୍ରଷ୍ଟାଚାର ବୃଦ୍ଧିପାଇବ। ଯେତେବେଳେ ବ୍ୟବସ୍ଥାରେ ଭ୍ରଷ୍ଟାଚାର ବଢିଚାଲିବ ସେତେବେଳେ କୌଣସି କାର୍ଯ୍ୟ ବିନା ଲାଞ୍ଚ କାରବାରରେ ହୋଇପାରିବନାହିଁ। ଦୁର୍ନୀତିଗ୍ରସ୍ତ ନେତା, ଅଫିସର ଓ କଳବଜାରୀ କରୁଥିବା ବ୍ୟକ୍ତିବେଶେଷଙ୍କ ଦୌରାତ୍ମ୍ୟ ମଧ୍ୟ ବଢିଚାଲିବ। ଫଳରେ ସମାଜରେ ଅସମାନତା ଦେଖାଦେବ। ମୁଷ୍ଟିମେୟ ଗୋଷ୍ଠୀ ଧନୀ ହୋଇଚାଲିବେ ଓ ଗରିବ କେବଳ ଗରିବ ହୋଇ ସରକାରୀ ସହାୟତାକୁ ଚାହିଁ ରହିବେ। ବାସ୍ତବ ତଥ୍ୟ ଠାରୁ ଦୂରେଇ ଯାଇ ଲୋକ ଦେଖାଣିଆ ଯୋଜନା କରି ଏହାକୁ ପ୍ରଚାର ସର୍ବସ୍ୱ କରାଗଲେ ସାଧାରଣ ଜନତା ଏହାର କୌଣସି ସୁବିଧା ହାସଲ କରିପାରିବେ ନାହିଁ। ବରଂ ଯୋଜନା ନାଁରେ ଲୋକଙ୍କ ମନରେ ରାଜନୈତିକ ଦଳ ପ୍ରତି ଆନୁଗତ୍ୟ ସୃଷ୍ଟି କରି ଭୋଟ ହାସଲ କରିବା ହିଁ ସାର ହେବ। ଏହାଦ୍ୱାରା ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ ନାହିଁ କିମ୍ବା ଦେଶରୁ ଗରିବୀ ହଟିବ ନାହିଁ। ଜନସାଧାରଣଙ୍କର ଅଧିକାର ଏବଂ ସେମାନଙ୍କୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଯୋଜନା ମଧ୍ୟରେ କେତେ ଅନ୍ତର ରହିଛି ଏହା ଉପରେ ଅଧିକ ଅନୁଶୀଳନର ଆବଶ୍ୟକତା ଅଛି। ଯେପର୍ଯ୍ୟନ୍ତ ସାଧାରଣ ଜନତା କ'ଣ ଚାହାନ୍ତି ତାହାର ବାସ୍ତବ ରୂପରେଖ କିଭଳି ହେବା ଉଚିତ ସେ ଦିଗ ପ୍ରତି ଧ୍ୟାନ ଦିଆନଗଲେ ବ୍ୟବସ୍ଥାରେ ତ୍ରୁଟି ରହିଥିବା ପରିଲକ୍ଷିତ ହେବ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି କ୍ଷେତ୍ରରେ ଗରିବ ଲୋକଙ୍କୁ ଅଧିକରୁ ଅଧିକ ସୁଯୋଗ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବା ଦରକାର। ଧନୀ ଲୋକ ଅର୍ଥ ବଳରେ ଚାକିରି କିଣିପାରୁଥିଲେ ବି ଗରିବଙ୍କ ପାଇଁ ଏଥିରୁ କାଣିଚାଏ ଲାଭ ହେବାର ସମ୍ଭାବନା ନାହିଁ। ଏହାର ମୂଳକାରଣ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଦୁର୍ନୀତି କାରଣରୁ ଅନେକ ପ୍ରାର୍ଥୀ ନିଯୁକ୍ତି ପାଇପାରୁ ନାହାନ୍ତି। ତେଣୁ ଯେପର୍ଯ୍ୟନ୍ତ ଗଳାବାଟ ବା ଦୁର୍ନୀତିର ମୂଳପୋଛ ନହୋଇଛି ସେ ପର୍ଯ୍ୟନ୍ତ ସବୁ ପରିବାର ସମାନ ସୁବିଧା ସୁଯୋଗ ପାଉଛନ୍ତି ବୋଲି ଭାବିବା ଅନୁଚିତ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ପଶ୍ଚିମ ଓଡ଼ିଶାର ଟାଣୁଆ ରାଜନେତା ନବକିଶୋର ଦାସ



**ବାଦଲ ଭୂୟାଁ**

ଓଡ଼ିଶାର ଅନ୍ୟତମ ବିଶିଷ୍ଟ ରାଜନେତା ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ୬୧ ବର୍ଷ ବୟସରେ ଏକ ଦୁଃଖଦ ଘଟଣା କ୍ରମରେ ପରଲୋକ ହୋଇଛି। ପଶ୍ଚିମ ଓଡ଼ିଶାର ଅନ୍ୟତମ ଟାଣୁଆ ନେତା ଭାବେ ସେ ପରିଚିତ ଥିଲେ। ୧୯୬୨ରେ ସମ୍ବଲପୁରର ମିର୍ଗାମୁଣ୍ଡାରେ ତାଙ୍କର ଜନ୍ମ। ପ୍ରଥମେ ୧୯୭୮ରେ ସେ ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେସନର ସଦସ୍ୟ ହୋଇଥିଲେ ଓ ୧୯୮୦ରେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। କିଛି ଦିନ ତଳେ ମହାରାଷ୍ଟ୍ରର ଶନି ମନ୍ଦିରକୁ ଦାନ ଦେଇ ସେ ବଡ଼ ଚର୍ଚ୍ଚାରେ ଥିଲେ।

୧୯୮୨ ମସିହାରେ ସେ ଛାତ୍ର ସଂସଦର ସାଧାରଣ ସଂପାଦକ ପଦ ପାଇଁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ଏହାପରେ ସେ କେବେ ଛାତ୍ର ସଂସଦର କୌଣସି ପଦ ପଦବୀ ଅଳଂକୃତ କରିନଥିଲେ, ତଥାପି ସେ ପ୍ରାୟ ଦେଢ଼ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଜିଏମ କଲେଜର ଛାତ୍ର ସଂସଦ ରାଜନୀତିରେ ନିଜର ପ୍ରଭାବ ରଖି ଆସିଥିଲେ। ସେପଟେ ସମ୍ବଲପୁରରେ ଛାତ୍ର ଜୀବନ ବାହାରେ କୌଣସି ନିର୍ବାଚନ ମଧ୍ୟ ସେ ଲଢ଼ିନଥିଲେ ହେଁ ସମଗ୍ର ଜିଲ୍ଲାର ରାଜନୀତିରେ ନିଜର ଦବଦବା ରଖି ଆସିଥିଲେ। ଛାତ୍ର ଜୀବନରୁ କଂଗ୍ରେସରେ ସାମିଲ ହୋଇ ଛାତ୍ର କଂଗ୍ରେସର ରାଜ୍ୟ ସାଧାରଣ ସଂପାଦକ ଦାୟିତ୍ୱ ତୁଲାଇଥିଲେ। ଆଉ ପରବର୍ତ୍ତୀ ସମୟରେ ଯୁବ କଂଗ୍ରେସର ରାଜ୍ୟ ଉପସଭାପତି, ପ୍ରଦେଶ କଂଗ୍ରେସ କମିଟିର ସଂପାଦକ ଏବଂ ପରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସେ ଅତି ଘନିଷ୍ଠ ଭାବେ ରାଜ୍ୟ ରାଜନୀତିରେ ବି ବେଶ ପ୍ରଭାବଶାଳୀ ଥିଲେ।

ନିର୍ବାଚନ ରାଜନୀତିରେ ନବ ବାବୁ ପାଦ ଥାପିଥିଲେ ଗତ ୨୦୦୪ ମସିହାରେ। ପ୍ରଥମ କରି ୨୦୦୪ ସାଧାରଣ ନିର୍ବାଚନରେ ସେ ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରରୁ କଂଗ୍ରେସ ଟିକଟରୁ ନିର୍ବାଚନ ଲଢ଼ିଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ କିଶୋର କୁମାର ମହାନ୍ତିଙ୍କ ଠାରୁ ସେ ପରାସ୍ତ ହୋଇଥିଲେ। କିଶୋର ମହାନ୍ତି ୬୧ ହଜାର ୨୯୫ ଖଣ୍ଡ ଭୋଟ ପାଇଥିବାବେଳେ ନବ କିଶୋର ଦାସଙ୍କୁ ୫୦ ହଜାର ୧୩୬ ଖଣ୍ଡ ଭୋଟ ମିଳିଥିଲା। ମାତ୍ର ୨୦୦୯ ମସିହାରେ କଂଗ୍ରେସ ଦଳରୁ ଝାରସୁଗୁଡ଼ା ବିଧାନ ସଭା କ୍ଷେତ୍ରରୁ ପୁଣିଥରେ ପ୍ରାର୍ଥୀ ହୋଇ ସେ ବିଜେଡ଼ିର ଟାଣୁଆ ନେତା କିଶୋର କୁମାର ମହାନ୍ତିଙ୍କୁ ପରାସ୍ତ କରିଥିଲେ। ଅବଶ୍ୟ ଏହି ନିର୍ବାଚନ ପୂର୍ବରୁ ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରର ପୁନଃ ସୀମା ନିର୍ଦ୍ଧାରଣ ହେବା ଯୋଗୁଁ ଲଇକେରା ବିଧାନସଭା କ୍ଷେତ୍ର ଝାରସୁଗୁଡ଼ା ମଧ୍ୟରେ ବିଲୀନ ହେବା ସହ ରେଙ୍ଗାଲି, ହୀରାକୁଦ ଅଞ୍ଚଳ ବାଦ ପଡ଼ିଥିଲା। ନବ ବାବୁ ୨୦୦୯ ମସିହାରେ ବିଧାୟକ ନିର୍ବାଚିତ ହେବା ପରଠାରୁ ଆଉ ପଛକୁ ମୋଡ଼ି ଦେଖି ନଥିଲେ। ୨୦୧୪ ନିର୍ବାଚନରେ ପୁଣିଥରେ ସେ କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜେଡ଼ିର କିଶୋର ମହାନ୍ତିଙ୍କୁ ପରାସ୍ତ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସେ କଂଗ୍ରେସ ଛାଡ଼ି ବିଜେଡ଼ିରେ ମିଶିଥିଲେ। ଝାରସୁଗୁଡ଼ା ଠାରେ ଏକ ବିରାଟ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେବା ପରେ ୨୦୧୯ ନିର୍ବାଚନରେ ଝାରସୁଗୁଡ଼ାରୁ ବିଜେଡ଼ି ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ଲଢ଼ି ସେ ବିଜେପି ପ୍ରାର୍ଥୀ ଦିନେଶ ଜୈନଙ୍କୁ ବିପୁଳ ଭୋଟରେ ପରାସ୍ତ କରିଥିଲେ। ଏହି ନିର୍ବାଚନ ଜିଣିବା ପରେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ମିଳିଥିଲା। ସେ କୋଭିଡ଼ ମହାମାରୀ ସମୟରେ ବି ସଫଳତାର ସହ କାର୍ଯ୍ୟକରି ପ୍ରଶଂସା ଅର୍ଜନ କରି ପାରିଥିଲେ। ପରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ସମୟରେ ପୁଣିଥରେ ନିଜ ବିଭାଗ ବଜାୟ ରଖିଥିଲେ। ବିଜେଡ଼ିରେ ଥିଲେ ମଧ୍ୟ ବିଜେପି ସାଂସଦ ସୁରେଶ ପୂଜାରୀ ଏବଂ ବ୍ରଜରାଜନଗରର ତତ୍କାଳୀନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସହ ଉତ୍ତମ ସଂପର୍କ ଏବଂ ସମନ୍ୱୟ ରକ୍ଷା କରି ବିକାଶଧାରାକୁ ତ୍ୱରାନ୍ୱିତ କରି ଚାଲିଥିଲେ। ତାଙ୍କ ସମୟରେ ଝାରସୁଗୁଡ଼ାରେ ବିମାନ ବନ୍ଦରର ବିକାଶ ସହ ବୃହତ ଷ୍ଟାଡିୟମ, ବହୁତଳ ବିଶିଷ୍ଟ ଜିଲ୍ଲା ସଦର ଡାକ୍ତରଖାନା, ହାର୍ଟ ଓ କ୍ୟାନସର ହସ୍ପିଟାଲ, ନୂତନ ବସଷ୍ଟାଣ୍ଡ ସାଙ୍ଗକୁ ସରବାହଲ ରେଳ ଓଭରବ୍ରିଜ ଆଦିର ଭିତ୍ତି ପକାଇଥିଲେ। ଝାରସୁଗୁଡ଼ା ବିକାଶରେ ନବ ବାବୁଙ୍କ ଏକ ବଡ଼ ଯୋଗଦାନ ରହିଛି। ତାଙ୍କର ରାଜନୈତିକ ପରାକ୍ରମ ଓ ପତିଆରା ଦିନକୁ ଦିନ ବେଶ ବୃଦ୍ଧି ପାଇ ଚାଲିଥିଲା। ନିଜର ରାଜନୈତିକ ଉତ୍ତରାଧିକାରୀ କ୍ରମରେ ସେ ନିଜର ଝିଅ ସୁଶ୍ରୀ ଦୀପାଳି ଦାସଙ୍କ ମଇଦାନରେ ପରିଚିତ କରାଇଥିଲେ। ଦଳରେ ସେ କ୍ରାଇସିସ୍ ମ୍ୟାନେଜରର ଭୂମିକା ନିର୍ବାହ କରୁଥିଲେ। ବାଲେଶ୍ୱର ଉପ ନିର୍ବାଚନ ସାଙ୍ଗକୁ ପଦ୍ମପୁର ଉପ ନିର୍ବାଚନରେ ଦାୟିତ୍ୱ ମୁଣ୍ଡେଇ ସେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ବଡ଼ ଭୂମିକା ନେଇଥିଲେ। ଯାହାକି ଦଳ ଭିତରେ ତାଙ୍କର ରାଜନୈତିକ ଉଚ୍ଚତାକୁ ବୃଦ୍ଧି କରିଥିଲା। ରାଜ୍ୟରେ ଶାସକ ବିଜେଡ଼ିର ଆଗଧାଡ଼ିର ନେତାଙ୍କ ମଧ୍ୟରେ ତାଙ୍କୁ ଗୁରୁତ୍ୱ ଦିଆଯିବା ସହ ଗଣା ଯାଉଥିଲା। ତାଙ୍କର ଅବର୍ତ୍ତମାନରେ ପଶ୍ଚିମ ଓଡ଼ିଶାରେ ଦଳୀୟ ସଂଗଠନ ଆଗକୁ କିଭଳି ରୂପ ନେବ ତାହା ଏକ ବଡ଼ ପ୍ରଶ୍ନ ହୋଇଛି। ଏପରି ଜଣେ ବିଶିଷ୍ଟ ରାଜନେତାଙ୍କ ପରଲୋକ ଅତ୍ୟନ୍ତ ଦୁଃଖଦ ଓ ମର୍ମାହତ ଖବର। ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଉଛି।


*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*


# ସାମ୍ପ୍ରତିକ ସମୟରେ ବାଣିଜ୍ୟ ଶିକ୍ଷା

**ଶ୍ରୀବତ୍ସ ନାୟକ**

ଏକବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗ। ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନର ପ୍ରଚାର ପ୍ରସାର ତଥା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବହୁଳମାତ୍ରାରେ ଦେଖିବାକୁ ମିଳୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ବାଣିଜ୍ୟ, ଇତ୍ୟାଦି କ୍ଷେତ୍ରରେ ଏହାର ପ୍ରୟୋଗାତ୍ମକ ଚିତ୍ର ଦେଖିବା ପାଇଁ ମିଳୁଛି। ଆଧୁନିକତାର ସ୍ପର୍ଶରେ ଆମେ ବିଜ୍ଞାନ ଯୁଗର ଗ୍ରାହକ ବନିଗଲେଣି କିନ୍ତୁ ଏ ସବୁ ସତ୍ତ୍ୱେ ବି ବାଣିଜ୍ୟ ଶିକ୍ଷାର ଗୁରୁତ୍ୱ ବି କିଛି କମ୍ ନୁହେଁ। ଯେକୌଣସି ରାଷ୍ଟ୍ରର ବିକାଶ ପାଇଁ ସୁଦୃଢ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ସେହିପରି ଭାରତର ଅଭିବୃଦ୍ଧି, ବିକାଶ କ୍ଷେତ୍ରରେ ଭାରତ ସରକାର ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ପରିବର୍ତ୍ତିତ ବିଶ୍ୱରେ ତିଷ୍ଠି ରହିବା ପାଇଁ ହେଲେ ଶିକ୍ଷା ସର୍ବୋତ୍କୃଷ୍ଟ ମାର୍ଗ ବୋଲି ହୃଦୟଙ୍ଗମ କରି, ଭାରତ କାହିଁକି ପ୍ରତ୍ୟେକ ଦେଶ ନିଜର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରିଥାନ୍ତି। ଆମ ଦେଶ ଭାରତର ଶିକ୍ଷା ବ୍ୟବସ୍ଥାଟି ହେଉଛି ପ୍ରମୁଖ ଶୃଙ୍ଖଳିତ ବ୍ୟବସ୍ଥା। ପ୍ରାଚୀନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସମୟ ସହ ତାଳ ଦେଇ ଭାରତ ତାର ଶିକ୍ଷା ବ୍ୟବସ୍ଥାଟି ପ୍ରଚଳନ କରିଆସୁଛି। ଅଧୁନା ଭାରତରେ କଳା, ବିଜ୍ଞାନ ଓ ବାଣିଜ୍ୟ ନାମରେ ୩ଗୋଟି ପ୍ରମୁଖ ବିଭାଗ ପ୍ରଚଳିତ ହେଉଅଛି। ତନ୍ମଧ୍ୟରୁ ବାଣିଜ୍ୟ ଶିକ୍ଷା ଅନ୍ୟତମ। ବାଣିଜ୍ୟ ଶିକ୍ଷାର ପରିଚୟ ୧୮୮୬ ମସିହାରେ ରେ ଅନୁଷ୍ଠିତ ହୋଇଥିଲା। ଭାରତରେ ବାଣିଜ୍ୟ ଶିକ୍ଷା ଆରମ୍ଭ କରିବା କ୍ଷେତ୍ରରେ ମାଡ୍ରାସ୍ ଥିଲା ପ୍ରଥମ। ୧୯୧୩ ମସିହାରେ ପ୍ରଥମ ବାଣିଜ୍ୟ କଲେଜ ପ୍ରତିଷ୍ଠା ହେଲା ଏବଂ ସ୍ନାତକୋତ୍ତର ବାଣିଜ୍ୟ (ବି.କମ୍) ପାଠ୍ୟକ୍ରମ ଆରମ୍ଭ ହେଲା। ସମାନ ଭାବରେ ୧୯୨୫ ରେ ମାଷ୍ଟର ଅଫ୍ କମର୍ସ (ଏମ.କମ୍) ପରିଚିତ ହେଲା। କ୍ରମାଗତ ଭାବରେ ଅନେକ ବୃତ୍ତିଗତ ଅନୁଷ୍ଠାନ ଯେପରିକି ଭାରତୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍, ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଏବଂ ୱର୍କସ ଆକାଉଣ୍ଟାଣ୍ଟସ୍, ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଦେଶ ମାଧ୍ୟମରେ ବାଣିଜ୍ୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠା କରାଯାଇଥିଲା। ୧୯୫୨ ମସିହାରେ ମାଧ୍ୟମିକ ଶିକ୍ଷା ଆୟୋଗ ବାଣିଜ୍ୟକୁ ମାଧ୍ୟମିକ ବିଦ୍ୟାଳୟ ସ୍ତରର ଏକ ମୁଖ୍ୟ ସ୍ରୋତ ଭାବରେ ଅନ୍ତର୍ଭୁକ୍ତ କରିବାକୁ ସୁପାରିଶ କରିଥିଲା। ବାଣିଜ୍ୟ ଶିକ୍ଷା ଆରମ୍ଭରେ ଏକ ସ୍ଥିର ଅଭିବୃଦ୍ଧି ଘଟିଥିଲା କିନ୍ତୁ ବିଂଶ ଶତାବ୍ଦୀର ପ୍ରାରମ୍ଭରେ (୧୯୨୦-୧୯୪୦) ଭାରତ ବାଣିଜ୍ୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ଦ୍ରୁତ ଅଭିବୃଦ୍ଧିର ସାକ୍ଷୀ ରହିଲା। ଦିନକୁ ଦିନ ବାଣିଜ୍ୟ ଶିକ୍ଷାର ଭୂମିକା ବୃଦ୍ଧି ପାଉଛି ଏବଂ ଗତ ବର୍ଷ ତୁଳନାରେ ବାଣିଜ୍ୟ ଶିକ୍ଷା ପାଇଁ ନାମ ଲେଖାଇଥିବା ଛାତ୍ର ସଂଖ୍ୟା ବୃଦ୍ଧି ପାଉଛି। ଅତୀତ ରେ ପାରମ୍ପାରିକ ଶିକ୍ଷା ବ୍ୟବସ୍ଥା ଜାରି ରହିଥିଲା। କିନ୍ତୁ ସମୟ ବଦଳି ଯାଇଛି। ସମ୍ପ୍ରତି ଭାରତର ଶିକ୍ଷା ବ୍ୟବସ୍ଥାରେ ବାଣିଜ୍ୟ ସମସ୍ତଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ରୋତ ଅଟେ। ବାଣିଜ୍ୟରେ ଅନେକ ଶାଖା ଅଛି ଯେପରିକି ବାଣିଜ୍ୟ, ପରିବହନ, ଗୋଦାମ, ବୀମା, ବ୍ୟାଙ୍କିଙ୍ଗ, ବିଜ୍ଞାପନ ଇତ୍ୟାଦି। ଛାତ୍ର ଛାତ୍ରୀମାନେ ସେମାନଙ୍କ ପ୍ରତିଭା ଦେଖାଇବା ପାଇଁ ଏକାଧିକ ସେକ୍ଟରରେ ନିୟୋଜିତ ହୋଇପାରିବେ। ଉଚ୍ଚ ଜନସଂଖ୍ୟାର ଦେଶ ଭାରତରେ ଦିନକୁ ଦିନ ଜନସଂଖ୍ୟା ବିସ୍ଫୋରଣ ହେବାରେ ଲାଗିଛି। ଅନୁରୂପ ଭାବେ ବିଶ୍ୱର ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଜାତିସଂଘର ଆକଳନ ଅନୁସାରେ ୨୦୨୫ ମସିହା ବେଳକୁ ବିଶ୍ୱର ଜନସଂଖ୍ୟା ୮୦୦ କୋଟି ପାର ହୋଇଯିବ। ଯଦି ଏହା ସତ୍ୟ ପ୍ରମାଣିତ ହୁଏ ତେବେ ବିଶାଳ ଜନ ସମୁଦ୍ରକୁ ମୌଳିକ ଆବଶ୍ୟକତା ଯୋଗାଇବା ଏକ କଷ୍ଟସାଧ୍ୟ ବ୍ୟାପାର ହେବ। ଜନସାଧାରଣ ମାନଙ୍କୁ ମୌଳିକ ସୁବିଧା ଯୋଗାଇ ସେମାନଙ୍କର ଜୀବନ ଧାରଣର ମାନ ରେ ଉନ୍ନତି ଆଣିବା ପାଇଁ ବାଣିଜ୍ୟ ଶିକ୍ଷା ଗୁରୁତ୍ୱ ପ୍ରଦାନ କରିଥାଏ। ବାଣିଜ୍ୟ ଶିକ୍ଷା ଏହାର ସମସ୍ତ ପ୍ରକାଶନରେ ବ୍ୟବସାୟ ଏବଂ ବାଣିଜ୍ୟ ଜଗତର ଅଭିଜ୍ଞତାକୁ ପହଞ୍ଚାଇଥାଏ। ଏହା ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ କୌଶଳ ହାସଲ କରିବାରେ ସାହାଯ୍ୟ କରେ ଯାହା ସେମାନଙ୍କୁ ବ୍ୟବସାୟର ବିଭିନ୍ନ କାର୍ଯ୍ୟକ୍ଷମ କ୍ଷେତ୍ରରେ ସାହାଯ୍ୟ କରିଥାଏ। ପୋଷ୍ଟ ଉଦାରବାଦୀ ଯୁଗରେ ବାଣିଜ୍ୟ ଶିକ୍ଷା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇଗଲା ଅର୍ଥନୈତିକ ଅଭିବୃଦ୍ଧିରେ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଶିକ୍ଷା ମାଧ୍ୟମରେ ସମସ୍ତେ ବ୍ୟବସାୟିକ ପରିବେଶର ସମ୍ମୁଖୀନ ହୋଇଥିଲେ । ବାଣିଜ୍ୟରେ ଭଲ ଏବଂ ସେବା ବିନିମୟ ସହିତ ଜଡିତ ସେହି ସମସ୍ତ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ, ସ୍ଥାନ, ସମୟ, ସୂଚନା, ବିପଦ, ଅର୍ଥ, ବ୍ୟକ୍ତି ଇତ୍ୟାଦି ବିଭିନ୍ନ ପ୍ରତିବନ୍ଧକକୁ ହଟାଇବା ଏହି ଶିକ୍ଷା ର ମୁଖ୍ୟ ଉଦ୍ଦେଶ୍ୟ ଅଟେ। (ଉଦାରୀକରଣ, ଘରୋଇକରଣ, ଏକୀକରଣ), ଏହା ଆଧୁନିକ ପ୍ରତିଯୋଗିତାମୂଳକ ବ୍ୟବସାୟ ଜଗତରେ ବଞ୍ଚିବା ପାଇଁ ଏକ ଚ୍ୟାଲେଞ୍ଜକୁ ବାରଣ କରେ। ଯାହାଫଳରେ ବଜାରରେ ସଂଗଠନକୁ ବଜାୟ ରଖିବା ପାଇଁ ଛାତ୍ରମାନଙ୍କ ମଧ୍ୟରେ ବାଣିଜ୍ୟ ଶିକ୍ଷାର ଆବଶ୍ୟକତା ଅଛି। ବାଣିଜ୍ୟ ଶିକ୍ଷା ବିଭିନ୍ନ ବିଷୟକୁ ଅନ୍ତର୍ଭୁକ୍ତ କରେ ଯାହା ଟିକସ, ଅର୍ଥ, ବ୍ୟାଙ୍କିଙ୍ଗ, ବଣିକ ଏଜେଣ୍ଟ, ଅର୍ଥ, ମାର୍କେଟିଂ, ପରିଚାଳନା, ଅଡିଟ୍, ପରିବହନ, ବିଜ୍ଞାପନ, ଆନ୍ତର୍ଜାତୀୟ ବାଣିଜ୍ୟ, ଗୋଦାମ, ବୀମା, ଆକାଉଣ୍ଟାଣ୍ଟି, ଆଇନ, ଅର୍ଥନୀତି, ପରିସଂଖ୍ୟାନ ଇତ୍ୟାଦି ଟେକ୍ନୋଲୋଜିର ବିସ୍ଫୋରଣ ହେତୁ ମନୁଷ୍ୟର ପ୍ରତ୍ୟେକ କ୍ଷେତ୍ର ପ୍ରଭାବିତ ହେଲା। ଆଜିକାଲି ବ୍ୟବସାୟ ସଂଗଠନର କ୍ରୋଧିତ ଜଟିଳତା ଛାତ୍ରମାନଙ୍କୁ ବାଣିଜ୍ୟ ଶିକ୍ଷା ସହିତ ବାର୍ତ୍ତାଳାପ କରିବା ବାଧ୍ୟତାମୂଳକ କରିବ। ବାଣିଜ୍ୟ ଶିକ୍ଷା ପ୍ରକୃତରେ ସମସ୍ତଙ୍କ ମଧ୍ୟରେ ସବୁବେଳେ ସବୁଜ ଏବଂ ଗତିଶୀଳ ଅନୁଶାସନ। ଦ୍ରୁତ ପରିବର୍ତ୍ତନ ଏବଂ ବୈଷୟିକ ଯୁଗ ସହିତ ଏହାର ଆମଦାନୀ ଦିନକୁ ଦିନ ବୃଦ୍ଧି ପାଉଛି। ଯେହେତୁ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ମଧ୍ୟରୁ ଗୋଟିଏ ତେଣୁ ବାଣିଜ୍ୟର ଶିକ୍ଷାକୁ ପୁନଃ ସଂଗଠିତ କଲେ ଦେଶ ଓ ଜାତିର ବିକାଶ ହେବ। ଏଲ୍‌ପିଜିର ପରିଚୟ ବାଣିଜ୍ୟ, ଶିଳ୍ପ, ବଜାର ଏବଂ ବ୍ୟବସାୟର ବିଭିନ୍ନ ଦିଗ ଶିଖିବା ବାଧ୍ୟତାମୂଳକ କଲା। ସାମ୍ପ୍ରତିକ ସମୟରେ ଉଭୟ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ସ୍ତରରେ ବାଣିଜ୍ୟ ଶିକ୍ଷାର ଭୂମିକା ବୃଦ୍ଧି ପାଉଛି। ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ଜଣାଯାଏ ଯେ ଏକ ଦେଶର ଅର୍ଥନୈତିକ ଅବସ୍ଥାରେ ପରିବର୍ତ୍ତନ ପାଇଁ ବାଣିଜ୍ୟ ଶିକ୍ଷାର ଗୁରୁତ୍ୱ ନିଶ୍ଚିତ ଅଛି। ଯଦିଓ ଓଡ଼ିଶାରେ କଳା ଓ ବିଜ୍ଞାନ ଷ୍ଟ୍ରିମ ଅପେକ୍ଷା ବାଣିଜ୍ୟରେ ଖୁବ କମ ସଂଖ୍ୟକ ଛାତ୍ର ଛାତ୍ରୀ ଅଛନ୍ତି କିନ୍ତୁ ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ସମୟ ପରିବର୍ତ୍ତନ ସହ ଧୀରେ ଧୀରେ ବାଣିଜ୍ୟ ଶିକ୍ଷାର ଚାହିଦା ବଢ଼ି ବଢ଼ି ଚାଲିଛି। ଏହି ଶିକ୍ଷାର ଗୁରୁତ୍ୱକୁ ଅନୁଭବ କରି ରାଜ୍ୟ ସରକାର ମଧ୍ୟ ବିଭିନ୍ନ ପ୍ରକାରର ପଦକ୍ଷେପ ନେଉଛନ୍ତି ଫଳରେ ଏହାର ପ୍ରଚାର ପ୍ରସାର ହେବାରେ ଲାଗିଛି। ବିକଶିତ ଦେଶ ଗୁଡ଼ିକରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ଆମ ରାଜ୍ୟରେ ପ୍ରୟୋଗ କରାଯାଉଛି।


*ଅଧ୍ୟାପକ, ବାଣିଜ୍ୟ ବିଭାଗ*
*ମୋ: ୯୪୩୮୦୭୦୮୪୯*


# ବିମାତା, କୁମାତା ନୁହେଁ



**ଶ୍ରୀମତୀ ଲକ୍ଷ୍ମୀ ପଟ୍ଟନାୟକ**

ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି। ମା' ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ। ପୌରାଣିକ ଯୁଗରୁ ସାବତ ମା'କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା'ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନଭେଇବାକୁ ପଡ଼ିଥାଏ ତାକୁ ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖିଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ। ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ। ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି। ଅଧିକ ପରିଶ୍ରମ ମଧ୍ୟ କରିବାକୁ ହେଉଛି ସେମାନଙ୍କୁ। ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି। ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି। ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି। କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ। ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ। ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ। ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ। ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଉଣାହେବା ଦେଖାଯାଏ ନାହିଁ। ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ। ବିଳାସ ବ୍ୟସନରେ ରହୁଥିବା ଧନାଢ୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି। ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ। ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି। ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ। ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ। ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ। ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି। ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ। ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ପଷ୍ଟ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି। ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ। ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ। ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି। ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି। ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି। ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ। ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ। ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ। ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି। ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ।


*ଶିକ୍ଷୟିତ୍ରୀ, ଖଇରମାଳ, ଉପ୍ରା ବିଦ୍ୟାଳୟ, କୁରମେଲ ଗ୍ରାମାପଞ୍ଚାୟତ, ନର୍ଲା, କଳାହାଣ୍ଡି*


## ଧାରାବାହିକ ଉପନ୍ୟାସ

ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪୫




*(ପୂର୍ବପ୍ରକାଶ ଉତ୍ତାରୁ)*

ମନିଷା ଅନିମେଶଙ୍କ ଏଭଳି ଅବସ୍ଥାକୁ ସହ୍ୟକରି ପାରିଲା ନାହିଁ। ଆଉ ନିଜେ ବି ହଜାରେ ଚେଷ୍ଟାକରି ବଦଳି ପାରିଲା ନାହିଁ। ତେଣୁ ସେ ସିଦ୍ଧାନ୍ତରେ ଉପନୀତ ହେଲା ଯେ ଉଭୟ ଭିନ୍ନଦିଗରେ ଚାଲିଯିବେ। କାହାକୁ କିଛି ସହିବାକୁ ପଡିବ ନାହିଁ। ହେଲେ ଅନିମେଶ୍ କଣ ସହଜରେ ମାନିବାଲୋକ! ସେହି ସଂସ୍କାର, ଆଦର୍ଶ..ତାଙ୍କ ବାଟ ଓଗାଳିବ ନିଶ୍ଚୟ।

ତେଣୁ ମନିଷା ପ୍ରଚୁର ଟଙ୍କାର ପ୍ରତିଦାନରେ ଜଣକୁ ସ୍ଥିର କରିଛି ଯିଏ ତାର ଭାବୀ ସ୍ୱାମୀ ହେବାକୁ ଯାଉଛି ବୋଲି ଅନିମେଶଙ୍କ ଆଗରେ ପ୍ରମାଣିତ କରିବ। ବାସ୍ ଅନିମେଶ୍ ଏଥର ନିଜ ପାଇଁ ନୁହେଁ ମନିଷାର ସୁଖପାଇଁ ହିଁ ତାଠାରୁ ଦୂରେଇଯିବେ। ଖୁବ୍ ସହଜରେ ଡିଭୋର୍ସ ହୋଇଯିବ ସେମାନଙ୍କର। ପ୍ରଥମ ଥର ପାଇଁ ତା ଆଖି ଓଦା ହୋଇ ଆସିଲା। ତାକୁ ରୁମାଲରେ ପୋଛି ନେଉନେଉ ଭାବିଲା- ହ୍ୱାଟ୍ ନନ୍ସେନ୍ସ୍..ମୋ ଶୈଳୀରେ ଜୀଇଁବା ପାଇଁ ତ ମୋର ଏ ଅବସ୍ଥା..ଆଉ ଏ ଲୁହ କାହିଁକି? ଏମାନେ ବାସ୍ତବିକତାକୁ ଭିନ୍ନ କରି ଦିଅନ୍ତି କାହିଁକି? କାହିଁକି ଅନ୍ୟକୁ ଦୁର୍ବଳ କରିପକାନ୍ତି।

ମନେପଡିଲା ପରିଚିତ ଡାଏଲଗ୍‌ଟି- ଆଇ ହେଟ୍ ଟିୟର୍ସ..! ପୁଣି ସେ ହସିଉଠିଲା ପ୍ରଗଲ୍‌ଭା ହୋଇ। ଘରଭିତରକୁ ପ୍ରବେଶ କଲେ ଅନିମେଶ୍।

ଏଇ ସାଙ୍ଗେ ସାଙ୍ଗେ ପହଂଚିଲେ ଏୟାରପୋର୍ଟରୁ। ଭିତରକୁ ପଶୁପଶୁ ପଚାରିଲେ- ପିଲାମାନେ..କାହାନ୍ତି, ଦିଶୁନାହାନ୍ତି ତ?

ସେମାନେ ସ୍କୁଲରେ ଅଛନ୍ତି! ଏଇଟା ତ ସ୍କୁଲ୍ ସମୟ ନା? ସ୍ୱାଭାବିକ ଢଙ୍ଗରେ କହିଲା ମନିଷା।

ତାହେଲେ ମୋତେ କାହିଁକି ଡକାଇଥିଲ ଶୁଣେ!

ଗୋଟେ ବିଗ୍ ଡିସିସନ୍ ନେବାକୁ ଅଛି!

ନେଇପାର..ତୁମ ଇଚ୍ଛା।

ସେ ଡିସିସନ୍ ତୁମକୁ ନେଇ..ଅନିମେଶ।

ସେ ଅଧୀକାର ତୁମକୁ ମୁଁ ଏଯାଏଁ ଦେଇନି! ମୋର ଭଲମନ୍ଦର ନିଷ୍ପତ୍ତି ମୁଁ ନିଜେ ନେଇ ଜାଣେ। ଅନ୍ୟ କାହାର ସାହାଯ୍ୟ ମୋର ଲୋଡା ନାହିଁ।

ଆରେ ନା,କେବଳ ତୁମକୁ ନେଇ ନୁହେଁ..ଆମ ସମସ୍ତଂକୁ ନେଇ..।

ଏତେଲମ୍ୱା ବୁଝାଅନି। ଶୀଘ୍ର କର। ମୋର ସେପଟେ ବହୁତ୍ କାମ ଅଛି।

କଣ ଆଜି ହିଁ ଫେରିଯିବ?

ହଁ।

ଆମ ଭିତରେ ଯଦି ଏପରି ସଂପର୍କ..ଯଦି ଆମେ ଏକାଠି ଗୋଟେ ରାତି ବି ବିତାଇ ପାରିବା ନାହିଁ,ମିଶିକି କୌଣସି ସିଦ୍ଧାନ୍ତ ନେଇପାରିବା ନାହିଁ,ତେବେ କଣ ପାଇଁ ଏକାଠି ଅଛେ ଆମେ? ଆଜିକାଲି ଆମେ ପରସ୍ପର ସହିତ ଭଲମନ୍ଦ କଥା ହେବା ବି ଛାଡି ଦେଇଛେ। ତେବେ କାହିଁକି ମିଛ ସଂପର୍କଟିଏ ଜୀଉଁଛେ ନିଜ ଭିତରେ?

ତୁମେ କଣ କହୁଛ ମୁଁ ଏକାଠି ରହିବାର ଚିନ୍ତା କି ଚେଷ୍ଟା କରିନି ବୋଲି? ରାଗିଗଲେ ଅନିମେଶ୍।

ସେ କଥା ମୁଁ କହୁନି। ମୁଁ ଆମ ବାବଦରେ କିଛି ବି କହୁନି। ଆଚ୍ଛା ସ୍ୱାମୀ ସ୍ତ୍ରୀ ଭାବରେ ନୁହେଁ,ଏବେ ଆମେ ଦୁଇସାଙ୍ଗ ଭଳି କଥା ହୋଇପାରିବା କି?

ସାଙ୍ଗ ହେବାର ଅଧୀକାର ବି ନାହିଁ ଆମର। ଏତିକି କହି ଅନିମେଶ ମ୍ଳାନହସିଲେ।

ତାହେଲେ ଅପରିଚିତ..ଏଇଧର ଟ୍ରେନରେ ପାଖାପାଖି ହୋଇ ବସିଥିବା ଦୁଇ ଆଗନ୍ତୁକଂକ ଭଳି!


*(କ୍ରମଶଃ)*

## ଚୀନରେ ସାତ ଦିନ

### (ପୁସ୍ତକ ଆଲୋଚନା)

"ଚୀନରେ ସାତ ଦିନ " ପୁସ୍ତକଟି ବିଶିଷ୍ଟ ସାହିତ୍ୟିକ ତଥା ଅନୁବାଦକ ଶ୍ରୀଯୁକ୍ତ ଦିନେଶ କୁମାର ମାଲୀଙ୍କ ଦ୍ୱାରା ଲିଖିତ ଓ ଶ୍ରୀମତୀ କନକ ମଞ୍ଜରୀ ସାହୁଙ୍କ ଦ୍ୱାରା ଓଡିଆ ଭାଷାରେ ଅନୁଦିତ ଏକ ଭ୍ରମଣ କାହାଣୀ। ଏହି ଭ୍ରମଣକାହାଣୀ 'ସୃଜନଗାଥା' ଅନୁଷ୍ଠାନ ଦ୍ୱାରା ଚୀନର ବେଜିଂ ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ହିନ୍ଦୀଭାଷା ସମ୍ମିଳନୀ ଉପଲକ୍ଷେ ଚୀନ ଯାତ୍ରା ଓ ଭ୍ରମଣ ବୃତ୍ତାନ୍ତ ଉପରେ ଆଧାରିତ। ଏହା ଏକ ଭ୍ରମଣ କାହାଣୀ ହେଲେ ମଧ୍ୟ ଏହି କାହାଣୀ ମାଧ୍ୟମରେ ଶ୍ରୀଯୁକ୍ତ ମାଲୀ ଚୀନର ଭାଷା-ସାହିତ୍ୟ, ସଂସ୍କୃତି, ଐତିହ ତଥା ପୁରାତନ ଭାରତୀୟ ସାହିତ୍ୟିକଙ୍କର ଚୀନା ସାହିତ୍ୟରେ ରୁଚି, ଦେଶ ପରିଭ୍ରମଣ, ଅନୁଭୂତି ଓ ତାକୁ ନେଇ ଲିଖିତ ଗଳ୍ପକବିତାର ସନ୍ଦର୍ଭ ମଧ୍ୟ ଏଠାରେ ଉପସ୍ଥାପନ କରିଛନ୍ତି। ଏହି ସୁବିସ୍ତୃତ ଉପାଦାନଗୁଡିକ ଏହି ପୁସ୍ତକକୁ ଅଧିକ ବିଶ୍ୱସନୀୟ, ରୋଚକ ଓ ସଂବେଦନଶୀଳ କରିପାରିଛି। ଏହି ପୁସ୍ତକ ପାଠ କରି ଜଣେ ଚୀନ ଦେଶର ଭାଷାସାହିତ୍ୟ ବିଷୟରେ ଅନେକ ତଥ୍ୟ ବିଷୟରେ ଅବଗତ ହୋଇପାରିବ।

ଏହି ଭ୍ରମଣ କାହାଣୀରେ ଭାରତୀୟ ଭାଷାସାହିତ୍ୟର ସୁପ୍ରସିଦ୍ଧ ଲେଖକ/ ଲେଖିକାଙ୍କର ଆନ୍ତର୍ଜାତୀୟ ହିନ୍ଦୀ ସମ୍ମିଳନୀରେ ଯୋଗ ଦେବା ପାଇଁ ଚୀନ ଯାତ୍ରା ଓ ସେଠାରେ ରହଣି ସମୟର କାହାଣୀ ବର୍ଣ୍ଣିତ। ଏହା ଅଭାବନୀୟ ଅନୁଭବର କଥା। ଚୀନ ଯାତ୍ରା ଓ ସେଠାରେ ରହଣିର ପ୍ରତ୍ୟେକ ବିବରଣୀ ଏଥିରେ ସ୍ଥାନିତ। ବୌଦ୍ଧିକତାର ଉତ୍କର୍ଷରେ ପହଞ୍ଚିଥିବା ବ୍ୟକ୍ତିସମୂହକୁ ଏକ ଉତ୍ତମ ସାହିତ୍ୟିକ ମିସନରେ ଏକାଠି କରିବା ଓ ଅନ୍ୟ ଏକ ଦେଶରେ ଏହାର ପରାକାଷ୍ଠା ପ୍ରତିପାଦିତ କରିବା ନିଶ୍ଚୟ ଭାବରେ ଏକ ଚ୍ୟାଲେଞ୍ଜ। ହେଲେ ଏହି ପୁସ୍ତକ ପାଠ କଲେ ପାଠକମାନେ ଜାଣିପାରିବେ ଏହି ମିସନର ଲକ୍ଷ୍ୟ ଓ ଏହାର ପ୍ରତିପାଳନ ବିଷୟରେ। ମାତ୍ର ସାତ ଦିନର ସ୍ୱଳ୍ପ ଅବଧି ମଧ୍ୟରେ ଲେଖକ ଜଣେ ଲେଖକର ମାନସିକତା ନେଇ ଚୀନର ବିଭିନ୍ନ ସ୍ଥାନ ଯଥା ବେଜିଂ, ଚୀନର ବୃହତ୍ତମ ପ୍ରାଚୀର, ୟେଲୋ ରିଭର, ସାଙ୍ଘାଇର ବିଭିନ୍ନ ଐତିହାସିକ ସ୍ଥାନ ପରିଭ୍ରମଣ କରିଛନ୍ତି। ପ୍ରବେଶ କରିଛନ୍ତି ସେଇ ସବୁ ସ୍ଥାନର ଆତ୍ମା ଭିତରକୁ ଓ ନିରନ୍ତର ଭାବରେ ପରଖିଛନ୍ତି ସେଇ ସବୁ ସ୍ଥାନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ। ପ୍ରତ୍ୟେକ ସ୍ଥାନର ଇତିହାସ ଓ ଭୂଗୋଳକୁ ତନ୍ନ ତନ୍ନ କରି ଦେଖିଛନ୍ତି। ମନେ ପକେଇଛନ୍ତି ପେଇ-ତାଓ, ଶୁ-ଚିଡ, ମାଓ-ସେ-ତୁଙ୍ଗ, ସୁ-ତୁଙ୍ଗ-ପୋ, ଲୁ – ଶୁନ ଆଦି ଲେଖକ , କବି, ଦାର୍ଶନିକ ଓ ସମାଜ ସଂସ୍କାରକମାନଙ୍କୁ। ଏହି କ୍ରମରେ ସିଏ ସେମାନଙ୍କର ଅନେକ କବିତାର ଉଲ୍ଲେଖ କରିଛନ୍ତି ଏହି ଭ୍ରମଣ କାହାଣୀରେ। 'ଟିନାମେନ ସ୍କୋୟାର'ର କବିତା ଠାରୁ ଆରମ୍ଭ କରି 'ଚାଙ୍ଗସା', 'ଦି ଗଡସ', 'ଲଙ୍ଗ ମାର୍ଚ୍ଚ', 'ସ୍ନୋ', 'କୁନଲୁନ ମାଉଣ୍ଟେନ' ଆଦି ଅନେକ କବିତା ଯେଉଁଥିରେ ବର୍ଣ୍ଣିତ ହୋଇଛି ଚୀନ ଦେଶର ଇତିହାସ। ଯାହା ଆମକୁ ସେ ସମୟର ଚୀନର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପ୍ରକ୍ଷ୍ୟାପଟ ବିଷୟରେ ଜାଣିବାର ଅବସର ପ୍ରଦାନ କରେ। ତାଛଡା ଚୀନ ଉପରେ ଲିଖିତ ଭାରତୀୟ କବିଙ୍କର ଅନେକ କବିତାର ଉଲ୍ଲେଖ ମଧ୍ୟ ଅଛି ଏହି ପୁସ୍ତକରେ। ଯେପରି କି ଡ. କେ. ସଚ୍ଚିଦାନନ୍ଦଙ୍କ କବିତା 'ମାଓ ଓ ତାଓ', ଅରୁଣ କମଲଙ୍କ 'ମାଓ ବିଶ୍ରାମ', ଲୁ -ଶୂନଙ୍କ କୋଠରି' ତଥା' ଜଙ୍ଗଲି ବତକଙ୍କ ପାଗୋଡା', ଡ. ମହେନ୍ଦ୍ର ଭଟ୍ଟନାଗରଙ୍କ ଦ୍ୱାରା ଲିଖିତ 'ମାଓ ଓ ଟାଓ' ଇତ୍ୟାଦିର ଉଲ୍ଲେଖ ମଧ୍ୟ ଏହି ପୁସ୍ତକରେ ରହିଛି। ପୁସ୍ତକର ଶେଷ ଭାଗରେ ଅଛି ସେଇ ସବୁ



ଫଟୋଚିତ୍ର ଯାହା ଏହି ଭ୍ରମଣ କାହାଣୀକୁ ଚିର ଆମର କରିଦେବ। ଏହି ପୁସ୍ତକକୁ ପାଠ କଲେ ଜଣେ ଚୀନ ଯାତ୍ରାର ରୋମାଞ୍ଚ ଅଙ୍ଗେ ଅଙ୍ଗେ ଅନୁଭବ କରିପାରିବ।

ଶେଷରେ କହିବି ଶ୍ରୀଯୁକ୍ତ ଦିନେଶ ମାଲୀଙ୍କ ଦ୍ୱାରା ଲିଖିତ ଓ ଶ୍ରୀମତୀ କନକ ମଞ୍ଜରି ସାହୁଙ୍କ ଦ୍ୱାରା ଓଡିଆରେ ଅନୁଦିତ ଏହି ପୁସ୍ତକଟି ସୁଖପାଠ୍ୟ ତଥା ଓଡିଆ ସାହିତ୍ୟ ଭଣ୍ଡାର ନିମନ୍ତେ ଏକ ଉଚ୍ଚକୋଟିର ଓ ଉପାଦେୟ ପୁସ୍ତକ ଅଟେ। ଯେହେତୁ ଏହି ଭ୍ରମଣରେ ଅନୁବାଦିକା ଲେଖକଙ୍କର ସହଯାତ୍ରୀ ଥିଲେ ତେଣୁ ଅନୁବାଦଟି ଆହୁରି ଅଧିକ ସାବଲୀଳ ଓ ସୁବ୍ୟବସ୍ଥିତ ହୋଇପାରିଛି। ଏହାକୁ ପ୍ରତ୍ୟେକ ଭାଷାପ୍ରେମୀ ପଢିବା ଉଚିତ। ଓଡିଆ ସାହିତ୍ୟ ପ୍ରେମୀମାନେ ଏହି ପୁସ୍ତକକୁ ଖୁବ ଆଗ୍ରହର ସହିତ ଗ୍ରହଣ କରିବେ ବୋଲି ଆଶା ଓ ବିଶ୍ୱାସ।

*ନନ୍ଦିତା ମହାନ୍ତି*
*ମଧୁସୂଦନନଗର ଡାକଘର*
*ଭୁବନେଶ୍ୱର-୭୫୧୦୨୨*
*ଦୂରଭାଷ: ୮୨୪୯୪୩୭୨୭୬*

## ଦିଗନ୍ତର କବିତା

## ଜୀବନର ଶେଷ ଉପଲବ୍ଧି



**ବିଭୁଦତ୍ତ ଦାସ**

କ'ଣ ନେଇକି ଆସିଥିଲା କ'ଣ ବା ନେଇକି ଯିବ?
ମିଛ ମୋହ ମାୟାରେ ଖାଲି ଘାରି ହେଉଥିବ।
ଜୀବନ ଜଞ୍ଜାଳେ ଛନ୍ଦି ହୋଇ କ'ଣ ବା ପାଇବ?
ମୃତ୍ୟୁଠୁ ବଡ଼ ଶେଷ ଉପଲବ୍ଧି ସଂସାରେ କିଛି ହିଁ ନଥିବ।

ଶେଷ ନିଶ୍ୱାସ ତ୍ୟାଗ କରିବି ରହିଗଲା କେତେ ଅକୁହା କଥା
ଜୀବନ ଦୀପରୁ ଲିଭି ଲିଭି ଆସୁଥିଲା ମୋ ବୟସର ସଳିତା।
ସମୟ କାଳରେ କବଳିତ ମୁଁ ହି ଆଉ ସମୟ ରହିଲା ନାହିଁ ଯଥା।
ବୁଝିପାରିଲିନାହିଁ ଜୀବନର ଉଦ୍ଦେଶ୍ୟ ମନେ ରହିଗଲା ବ୍ୟଥା।
ଅସ୍ତ ହେଉଥାଏ ମୁଁ ଯେ ଦିଗବଳୟର ସୀମାରେଖାରେ।
ନେତ୍ରଥକି କରି ବନ୍ଦ ହବାକୁ ଯାଉଥାଏ ଚିରନିଦ୍ରାରେ।
ମନ ହେଉଥାଏ ଛନ୍ଦି କେତେ ଯେ ପାପ ଆଉ ପୁଣ୍ୟରେ।
ମନେ ଉଙ୍କିମାରେ ଯାହା ସବୁ କରିଥିଲି ଇହଧାମରେ।



ଜନସମାଗମ ଅଶ୍ରୁ ଛଳଛଳ ଉପସ୍ଥିତ ସଭିଙ୍କ ନେତ୍ରରେ।
ଶେଷନିଶ୍ୱାସ ତ୍ୟାଗ କରି ବାହାରିବି ମୁଁ ହି ମହାଯାତ୍ରାରେ।
ମୁଁ ତରଳୁ ଥାଏ ଘୃତେ ଆଉ ଅଗ୍ନି ସଂଯୋଜିତ ଜୁଇର କାଠେ।
ଇହଲୀଳା ତ୍ୟାଗୀ ବାହୁଡ଼ି ଯାଉଛି ପୁନଃ ଈଶ୍ୱର ପଥେ।

ତରଳି ପଡୁଥିଲା ଜୁଇରେ ସାଇତା ରୂପ, ଲାବଣ୍ୟ, ଯୌବନ
ଖୋଲି ନିଆଗଲା ଗଳାରୁ ଚେନ୍ ଆଉ ମୋ ହାତର କଙ୍କଣ
ଖାଲି ଅଛି ଗଳାରେ ଫୁଲମାଳ ସହ ମଥାରେ ପବିତ୍ର ଚନ୍ଦନ।
ଶେଷରେ ଛାଡ଼ି ମହଙ୍ଗା ଗାଡ଼ି ଆଜି କୋକେଇ ମୋ ବାହନ।
ପାଲଟୁଥାଏ ଧୀରେ ଧୀରେ ମୁଁ ହିଁ ଧୂଆଁ ଆଉ ପାଉଁଶକୁ
ଛାଡ଼ି ଯାଉଥିଲି ଗର୍ବ, ଅହଂ , ଆପଣାଇ ଅଗ୍ନି ଶିଖାକୁ।
ଦେଖ ଜୁଇର ଅଗ୍ନି ଶିଖାରେ ବିଲୁପ୍ତ ମୋର ମୃତ ଶରୀରକୁ।
ପଞ୍ଚମହାଭୂତେ ଲୀନ ହୋଇ ପୁନଃ ବାହୁଡ଼ା ମୋର ସ୍ୱର୍ଗକୁ।

ଛାଡିଆସିଲି ଅପର୍ଯ୍ୟାପ୍ତ ସମ୍ପତ୍ତି ସବୁ କାହାର ବା ହବ ସିଏ।
କେତେ ଜମି କେତେ ଟଙ୍କା ତା' ସହ ଗର୍ବ ଅହଙ୍କାର ଛାଡିଯାଏ।
ନାହିଁ ଆଜି ମୋ ପ୍ରିୟ ଅତରର ବାସ୍ନା କୁଆଡେ ଉଡିଗଲା ପ୍ରାୟେ।
ମୁଁ ସ୍ୱାର୍ଥୀ ନଥିଲି କାହାର ମୋର ବୋଲିବା ହବ ଆଉ କିଏ?!

କେତେ ମାନ, ଅଭିମାନ ଆଉ କରିଥିଲି ସୌନ୍ଦର୍ଯ୍ୟର ପ୍ରହସନ।
ଗୋଟେ ପିନ୍ଧାଜାମା ନ ପିନ୍ଧି ଆଉ, ନୂଆ ଅଙ୍ଗବସ୍ତ୍ରେ କରେ ମନ।
ଆଜି କିନ୍ତୁ କିଛି ନାହିଁ, ସୂତି ଧଳା ଲୁଗାରେ ଢଙ୍କା ମୋ ନଗ୍ନତନ।
ବାହୁଡ଼ାଇନବାକୁ ମୋତେ ଆସିଛନ୍ତି ସ୍ୱୟଂ ଧର୍ମରାଜ ଯମ।

କିଛି ନ ନେଇ, ନେଉଛି ମେଲାଣି ସଂସାରୁ ରିକ୍ତ ହସ୍ତେ ମୁହିଁ।
ପ୍ରାପ୍ତି ସବୁ ସଫଳତା,ଉପାର୍ଜିତ ଅହଙ୍କାରର ମୂଲ୍ୟଦେଇ।
ନଗ୍ନ ତନ, ଶୂନ୍ୟ ମନ, ରିକ୍ତ ହସ୍ତ ଆଜି ପାଖରେ କେହି ନାହିଁ
ମିଳାଇଗଲାଣି ସବୁ ମୋହ, ମାୟା, ଲୋଭ ପାଉଁଶ ହୋଇ।

ଯାଉଯାଉ ମନେ ରହିଗଲା କେତେ ଗୁଡାଏ ଯେ ଅବଶୋଷ
ବୁଝିବାରେ ଡେରି ହେଇଗଲା ଧରାପୃଷ୍ଠେ ଜନମର ଉଦ୍ଦେଶ୍ୟ।
ସମୟ ସରିଲା, ସରିଲା ତା' ସହ, ମହୀ ମଣ୍ଡଳେ ଏଇ ଜନ୍ମର ଆୟୁଷ।
ପୁନଃ ବାହୁଡ଼ିବି ଅନ୍ତୁଡିଶାଳରୁ ନେଇ ନୂତନ ରୂପ, ନୂତନ ଉଦ୍ଦେଶ୍ୟ।

*ମାର୍ଫତ- ଏସ୍. ଏସ୍. ସାହୁ, ପ୍ଲଟ୍ ନଂ- ୪୩୬,ଲେନ୍ -୩, ନୂଆସାହି, ନୟାପଲ୍ଲୀ, (ଏନ୍.ପି.ଟି.ସି. ପାଖ), ଭୁବନେଶ୍ୱର*
*ଦୂରଭାଷ : ୮୪୫୬୯୨୩୭୨୩*

## କବିତାର କଥା

(ଭାଗ-୧୦୬)



ଉମାକାନ୍ତ ରାଉତ



## ଖଇଚାପଣ କବିତ୍ୱର ପରିପନ୍ଥୀ ନୁହେଁ

ସଂସାରରେ ତ ଅନେକ ବହିଯାଆନ୍ତି ।ମତୁଆଲା ଅବା ମାତବର ହୋଇ ବହିଯାଆନ୍ତି। ଏପରି ବହିଗଲାବେଳେ ଆପଣାର ଫୁଲାଣିଆ ପଣରେ କେତେ କେତେ କୂଳ ଲଂଘନ୍ତି, କେତେ ଗ୍ରାମ ଗ୍ରାସ କରନ୍ତି। ଏପରି ଆମ୍ଭମ୍ଭରିତାର ପାରିଲାପଣଯୋଗୁ ନିଶଟାକୁ ଭାରି ଜୋରରେ ମୋଡୁଥାନ୍ତି। ଏସବୁରେ ସେମାନଙ୍କର ଗଣ୍ଡକୁହୁକରେ ଭ୍ରମିବାର ତାମସିକତା ବେଶ୍ ବାରିହୋଇ ପଡୁଥାଏ।

ଆମ ସମୟର ଅନେକ କବିଡିଣ୍ଡିମ ଏଇ ଖଇଚାପଣରୁ ମୁକ୍ତ ନୁହଁନ୍ତି। ସେମାନେ କବିତାରେ ଗଡ଼ି ଯାଆନ୍ତି, ରଡି ଛାଡନ୍ତି, ଭାରି ଭିଡିଭାଡି ହୁଅନ୍ତି; ହେଲେ ଭାରି ଆହତ, ବେହିଆ ଓ ବିଟପୀପଣର ଜୀବନ ବଞ୍ଚୁଥାଆନ୍ତି।

କବିତାର ଏହି ନକଲି ନବାବ୍ ମାନେ ପାଗ ଭିଡନ୍ତି , ଶିରପାକୁ ଆଖେଇ ଥାଆନ୍ତି। ସେମାନେ ଆପଣା କାମନାର ଇନ୍ଦ୍ରଧନୁରେ କବିତାର ଆକାଶକୁ ବର୍ଣ୍ଣିଳ କରିଦିଅନ୍ତି ସିନା, କେବେ ବି' ନିର୍ମଳ କବି' ହେବାର ସୌଭାଗ୍ୟ ଲାଭ କରିପାରନ୍ତି ନାହିଁ। ଚିରକାଳ ରହିଯାଆନ୍ତି 'ମନ୍ଦ କବି' ହୋଇ।

ଔରଙ୍ଗଜେବକୁ ବାଦ୍ ଦେଇ ଭାରତର ଇତିହାସ ଲେଖାଯାଇପାରିବ ନାହିଁ। ତା'ବୋଲି କାଳବକ୍ଷରେ ଇତିହାସର ପୃଷ୍ଠା ମଣ୍ଡନ କରିବାକୁ କବିଟିଏ ଯଦି ଔରଙ୍ଗଜେବ ଭଳି ଏକ ହୀନ ଭୂମିକା ଆପଣେଇ ନେବାକୁ ଚାହେଁ, ଆମର କିଛି କହିବାର ନାହିଁ। ହେଲେ ଏହାଦ୍ୱାରା କବିର ଅସଲ ମର୍ଯ୍ୟାଦା ଭୁଲୁଣ୍ଠିତ ହୁଏ। ଏକଥା ଛାତିରେ ହାତ ରଖି କୁହାଯାଇପାରେ।

ଅଗ୍ନି ପୁରାଣରେ ବର୍ଣ୍ଣିତ ଅଛି ---

"ଅପାରେ କାବ୍ୟ ସଂସାରେ କବିରେକଃ ପ୍ରଜାପତିଃ
ଯଥାସ୍ମୈ ରୋଚତେ ବିଶ୍ୱଂ ତଥା ୱୁଏ ପରିବର୍ତ୍ତତେ"

ଅର୍ଥାତ୍ କବିତାର ଅସୀମ ସାମ୍ରାଜ୍ୟରେ ପ୍ରଜାପତି ଅଥବା ବ୍ରହ୍ମା ହେଉଛନ୍ତି ଏକମାତ୍ର କବି ଯିଏ ଯେତେବେଳେ ସର୍ବୋତ୍ତମ ସମୟ ବା ମୁହୂର୍ତ୍ତ ଆସେ ସେତେବେଳେ ତାଙ୍କର କଳ୍ପନା ଅନୁସାରେ ବିଶ୍ୱକୁ ଅଭୀପ୍ସିତ ରୂପକାନ୍ତିରେ ସଜାଇ ପାରନ୍ତି।

ଏହାର ଗଭୀର ଓ ମାର୍ମିକ ଅର୍ଥକୁ ଏହିଭଳି ବୁଝାଯାଇପାରେ।

ନିର୍ମଳ କବିର ସର୍ବୋତ୍ତମ କଳ୍ପନାର ମୁହୂର୍ତ୍ତଟି ହିଁ ବ୍ରହ୍ମାଙ୍କର ଉପରୋକ୍ତ ଚୈତନିକ ମୁହୂର୍ତ୍ତର ଅବସ୍ଥାନ। ଅତଏବ ସେହି ନିର୍ଦ୍ଦିଷ୍ଟ ସମୟ ଅର୍ଥାତ୍ ସୃଜନର ଅଙ୍କୁରୋଦ୍ଗମ କାଳରେ କବିଟିଏ ସାଜିଯାଇଥାଏ ବ୍ରହ୍ମା। ସୁତରାଂ, ସେତିକିବେଳେ କବି ସ୍ୱୟଂ ପ୍ରଜାପତି ହୋଇଯାଉଥିବାରୁ ଆପଣାର କଳ୍ପନାମତେ(ସଦିଚ୍ଛା ସମ୍ଭୂତ) ଗଢିଦେଇପାରେ ଭିନ୍ନ ଏକ ବ୍ରହ୍ମାଣ୍ଡ। ଏହା ହିଁ କବିତ୍ୱ। ଏହା ହିଁ କବି/କବିତାର ଶକ୍ତି। ଏହା ହିଁ କବିତାର ପରାକାଷ୍ଠା।

ଏହିଭଳି କୃଚ୍ଛ୍ର ସାଧନାର ପରିଣାମ (ସିଦ୍ଧି)ସ୍ୱରୂପ ମୁନୀ ଶୁକ୍ରାଚାର୍ଯ୍ୟଙ୍କୁ ପ୍ରାପ୍ତ ହୋଇଥିଲା ଯେଉଁ କବିତାର ପଂକ୍ତି ତାହା ହେଲା ମୃତ ସଞ୍ଜିବନୀ। ସେଥିପାଇଁ ହିନ୍ଦୁ ବିଶ୍ୱାସର ପୂର୍ଣ୍ଣ ଅବତାର ଭଗବାନ ଶ୍ରୀକୃଷ୍ଣ କହିଥିଲେ - କବିନାଂ ଶ୍ରେଷ୍ଠ ମୁନୀ ଶୁକ୍ରାଚାର୍ଯ୍ୟ। ଅର୍ଥାତ୍ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ମୁନୀ ଶୁକ୍ରାଚାର୍ଯ୍ୟ।

ହେଲେ ଆଜି କ୍ଷମାପ୍ରାର୍ଥନାପୂର୍ବକ କହିବାକୁ ପଡୁଛି -

ଏଠି କବିତା ଲେଖନ୍ତି ପଣ ପଣ
କବି ତାଙ୍କ ମଧ୍ୟେ କେଇଜଣ?

ବିଡମ୍ୱନା ଓ ଗଭୀର ପରିତାପର ବିଷୟ ଏହିକି ଯେ ଆଜିର କିଛି କବିତା ଶୋଇପଡିଥିବା ଲୋକକୁ ଉଠେଇ ଦେବ କଣ : ବରଂ ଉଠିପଡ଼ିଥିବା ଲୋକକୁ ଶୁଆଇ ପକାଇଲା ଭଳି ମନେ ହେଉଛି!

ଖାଲି ଯଶକାଙ୍ଗାଳହୋଇ ପୁରସ୍କାର ଲୋଭରେ, ପାଣ୍ଡିତ୍ୟ ପ୍ରଦର୍ଶନ ପାଇଁ କବିତା ଲେଖିଦେଲେ କେହି କବି ହୋଇଯାଏ ନାହିଁ। ପ୍ରକୃତ କବି ହେବାକୁ ହେଲେ କବିପଣର ଜୀବନ ଜୀଇ ପୋକଖିଆ ଚେତନା ଓ ବିକଳାଙ୍ଗର ଭାଷାକୁ ପ୍ରଥମେ ପ୍ରଶାନ୍ତ ମହାସାଗରରେ ଫିଙ୍ଗି ଦେବାକୁ ପଡ଼େ। କୁଝ୍ ଝଟିକିୟ ଯଶପ୍ରାର୍ଥନାର ମିଛ ରୋଷଣିଠାରୁ ନିଜକୁ ମୁକ୍ତ କରି ବିବେକ ଓ ଚେତନାର ଆହ୍ୱାନରେ ସ୍ୱାଧୀନଚେତାଭାବେ ତଥାକଥିତ ମୁଣ୍ଡିଆଳ/ମଙ୍ଗୁଆଳ/ଚିନ୍ତକଙ୍କର ଗୋଡାଣିଆ କି ପଦଲେହନରୁ ନିଜକୁ ନିବୃତ୍ତ ରଖିବାକୁ ପଡ଼ିବ। ସ୍ୱଳ୍ପକାଳୀନ ସାହିତ୍ୟ ରାଜନୀତିର ଉର୍ଦ୍ଧ୍ୱକୁ ଉଠି ଏକ ପ୍ରଲମ୍ବିତ ସାରସ୍ୱତ ମାର୍ଗର ନିରଳସ ପାନ୍ଥ ହେବାକୁ ପଡିବ। ନାନାବିଧ ଝଡ଼ଝଂଜା , ଘାତ ପ୍ରତିଘାତ , ହର୍ଷ ବିଷାଦ, ବିରହ ମିଳନ, ଯାତନା ଜ୍ୱାଳା ସଂଘାତରୁ କବିର ମର୍ମ ନେଇ କବିତା ଲେଖିବାପାଇଁ ଅନୁଭୂତି ସାଉଣ୍ଟିବାକୁ ହେବ।

ହେଲେ, ଆଜିର ଉପଭୋକ୍ତାବାଦୀ ଗ୍ରାହକସର୍ବସ୍ୱ ଦୁନିଆରେ କବିତାକୁ ମୃତ ସଂଜିବନୀ ସ୍ତରକୁ ନେଇଯିବାର ପ୍ରୟାସ ନକରି ତାକୁ ଆତ୍ମପ୍ରଚାର ଓ ବ୍ୟବସାୟର ସାମଗ୍ରୀଭାବେ ବ୍ୟବହାର କରିବାର ଅପଚେଷ୍ଟା ଏକ ବିଡମ୍ୱନା।

ସେଥିପାଇଁ ରାତାରାତି କବି ସାଜିବାର ଆତସବାଜିୟ ପ୍ରଦର୍ଶନ ଓ ଆଡ଼ମ୍ବରରେ ମାତିଥିବା ମଞ୍ଚସନ୍ଧାନୀ ପଣ୍ଡିତ, କାରିଗର ତଥା କବିଡିଣ୍ଡିମଙ୍କ ଉଦ୍ଦେଶ୍ୟରେ ଦିବଂଗତ କବି ବସନ୍ତ ମୁଦୁଲି କହିଥିଲେ। ...

"କବିମାନେ ଏବେ ବନ୍ଦୀ ଅଛନ୍ତି
ଶସ୍ତା ପ୍ରେମ
ଶୃଙ୍ଗାର ରସ ଓ ମୃତ୍ୟୁ ଚେତନାରେ
ମାନପତ୍ର ପ୍ରଶଂସାର ଲୋଭେ
ନିଜପାଇଁ ଲବି କରିବାରେ"

ଏହାକୁ ଆହୁରି ସରଳ ଭାବରେ ଏମିତି କୁହାଯାଇପାରେ ....

ଯଦି ନାହିଁ ତୋର ଲବି
ତୁ'ଟା ଗୋଟେ କି' କବି?

ଏସବୁ ଖଇଚାପଣରୁ ମୁକୁଳି କବି ଓ ତାର କବିତା ଯଦି ପ୍ରଜାପତିଙ୍କ ଭଳି ଏକ ସନ୍ତୁଳନକ୍ଷମ ଆବେଗିକ ରଜ୍ଜୁରେ ସମଗ୍ର ବିଶ୍ୱକୁ ଯୋଡ଼ି ନ ପାରିଲା, କଳ୍ପନାର କଳ୍ପବଟରୁ ସମ୍ବେଦନାର ଅମୃତ ସାଗରଟେ ତିଆରି କରି ନ ପାରିଲା, ତେବେ ସେ ସବୁକୁ ଆମେ କବିକର୍ମ ନ କହି ମୂଳାଧାର ଚକ୍ରରେ ଆଉଟୁପାଉଟୁ ହେଉଥିବା ଏବଂ ମୁକୁଳି ପାରୁନଥିବା ଖଇଚାପଣ କହିଲେ ଭୁଲ ହେବ କି?

ହେଲେ କବିତା ତ ଅନାହତ ଚକ୍ରର କଥା। ସୁତରାଂ ଖଇଚାପଣ କସ୍ମିନକାଳେ କବିତା କି କବିତ୍ୱର ପରାକାଷ୍ଠା ପ୍ରଦାନ କରିପାରିବ ନାହିଁ। *(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ଗୋମତୀ ଆଶ୍ରମରେ ଅନୁଷ୍ଠିତ ସର୍ବଭାରତୀୟ ସାଧୁସନ୍ଥ ସମ୍ମିଳନୀରେ ଶଙ୍କରାଚାର୍ଯ୍ୟ



**ଜଗତସିଂହପୁର :** କଟକ ଜିଲ୍ଲା ଅନ୍ତର୍ଗତ ଶିର୍ଲୋ ବ୍ରାହ୍ମଣଖଣ୍ଡ ସାଧୁବଟ ଗୋମତୀ ଆଶ୍ରମରେ ସର୍ବ ଭାରତୀୟ ସାଧୁସନ୍ଥ ମିଳନ ଉତ୍ସବ ପଞ୍ଚମ ଦିବସ ରେ ମୁଖ୍ୟପୁରୋଧା ଭାବେ ପୁରୀ ଗୋବର୍ଦ୍ଧନ ପୀଠ ପୀଠାଧୀଶ୍ୱର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ କହିଥିଲେ ଯେ ବିକାଶର କାର୍ଯ୍ୟ କରିବା ପୂର୍ବରୁ ମାନବ ଓ ଜୀବ ଜଗତର କି ଉପକାର ହେଉଛି ତାହା ବିଚାରକୁ ନେବା ଆବଶ୍ୟକ। ସାଧୁସନ୍ଥ ମାନଙ୍କର ମାର୍ଗଦର୍ଶନରେ ରାଷ୍ଟ୍ର ପରିଚାଳିତ ହୁଏ କିମ୍ବା ସାଧୁମାନେ ଶାସନ କରନ୍ତି ତେବେ ଆମ ଦେଶ ଭାରତବର୍ଷ ହିନ୍ଦୁ ରାଷ୍ଟ୍ରରେ ପରିଣତ ହେବ। ସାଧୁସନ୍ଥମାନେ ଆଗକୁ ଆସି ହିନ୍ଦୁରାଷ୍ଟ୍ର ପାଇଁ ସଂକଳ୍ପ ନେବା ଆବଶ୍ୟକ। ଓଡିଶା ରାଜ୍ୟର ଏପରି ଏକ ଉତ୍ସବରେ ଭାରତ ବର୍ଷର ଚାରିଧାମରୁ ଶହ ଶହ ସାଧୁସନ୍ଥମାନେ ଯୋଗଦେଇଥିବାରୁ ଶଙ୍କରାଚାର୍ଯ୍ୟ ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ। ଏହି ଉତ୍ସବରେ ସର୍ବଭାରତୀୟ ସନ୍ଥ ମିଳୋନତ୍ସବ ସଭାପତି ତଥା ସାଧୁବଟ ଗୋମତୀଆଶ୍ରମର ପ୍ରତିଷ୍ଠାତା ମହନ୍ତ ବାବାଜୀ ଅକ୍ଷୟ ଦେବଦାସ ମହାରାଜ ପ୍ରତ୍ୟେକ ଘରେ ଭାଗବତ ପାଠ ହେବା ଆବଶ୍ୟକ ଏବଂ ପ୍ରତ୍ୟେକ ବ୍ୟକ୍ତି ଆଧ୍ୟାତ୍ମିକ ଦିଗରେ ଚାଲିଲେ ପ୍ରକୃତ ସୁଖ, ଶାନ୍ତ ଓ ଆନନ୍ଦର ଅଧିକାରୀ ହୋଇପାରିବ ବୋଲି କହିଥିଲେ। ଏହି ଉତ୍ସବରେ ମହନ୍ତ ସ୍ୱାମୀ ଚିନ୍ତାମଣି ପର୍ବତ, ବୃନ୍ଦାବନରୁ ଆଗତ ମହନ୍ତ ସତ୍ୟହରି ଦାସ, ମହନ୍ତ କୃଷ୍ଣଚନ୍ଦ୍ର ସାହୁ, ମହନ୍ତ ରାଧାମୋହନ ଦାସ, ଆନ୍ଧ୍ରରୁ ଆଗତ ମହନ୍ତ ମଦନ ଗୋପାଳ ଦାସ, ମହନ୍ତ ଅମୃତାନନ୍ଦ ଗିରି, ଦ୍ୱାରକାରୁ ଆଗତ ମହନ୍ତ ଆନନ୍ଦ ଦାସ, ଅଯୋଧ୍ୟାରୁ ଆଗତ ମହନ୍ତ ମଧୁସୂଦନ ଦାସ, ମହନ୍ତ ଅମୃତାନନ୍ଦ ଗିରି, ମହନ୍ତ ଗିରିଜାନନ୍ଦ ପର୍ବତ, ମହନ୍ତ ଜନାର୍ଦ୍ଦନ ଦାସ, ମହନ୍ତ ଦିନବନ୍ଧୁ ଦାସ, ଚିତ୍ରକୁଟର ମହନ୍ତ, ମହନ୍ତ ଶ୍ରୀୟାରାମ ଦାସ, ମହନ୍ତ ସଚ୍ଚିଦାନନ୍ଦ ଦାସ, ମହନ୍ତ କମଳନାଥ ଦାସ, ମହନ୍ତ ରାମଗୋପାଳ ଦାସ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପିତାମାତା ଓ ଗୁରୁଙ୍କୁ ପୂଜାକଲେ ତାହାର ମାନବ ଜନ୍ମ ସାର୍ଥକ ହେବ ଏବଂ ସେ ମୋକ୍ଷପ୍ରାପ୍ତି ହୋଇପାରିବ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ମାତୃପ୍ରସାଦ ମିଶ୍ର ସଂଯୋଜନା କରୁଥିବା ବେଳେ ଶଙ୍କରାଚାର୍ଯ୍ୟଙ୍କ ନିଜ ସଚିବ ସ୍ୱାମୀ ନିର୍ବି କଳ୍ପାନନ୍ଦ ସରସ୍ୱତୀ ବିରୁଧାବଳୀ ପାଠ କରିଥିଲେ। ଏଥିରେ ବ୍ରହ୍ମଚାରୀ ହୃଷିକେଶ ମହାରାଜ, ଆଦିତ୍ୟବାହିନୀ ରାଜ୍ୟ ମହାସଚିବ ଶୁଭେନ୍ଦୁ ସ୍ୱାଇଁ, ପୀଠପରିଷଦ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ଚନ୍ଦ୍ର ରଥ, ପଣ୍ଡିତ ଲିଙ୍ଗରାଜ ପତି, ଗଣେଶ ମହାସୁଆର ମନୋଜ ପାଲ, ସତ୍ୟରଞ୍ଜନ ଦାସ, ବାହୁବଳେନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏଥିଉପଲକ୍ଷେ ଅନୁଷ୍ଠିତ ଯଜ୍ଞ ଉତ୍ସବରେ କର୍ତ୍ତାଭାବେ ମନୋରଞ୍ଜନ ପ୍ରଧାନ ଓ କର୍ତ୍ତୀଭାବେ ମାଳା ପ୍ରଧାନ ବରଣୀ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସର୍ବଭାରତୀୟ ମିଳନ ଉତ୍ସବର ସଂଯୋଜକ ବିଜୟ କୁମାର ସ୍ୱାଇଁ, ବାବା ଶ୍ରୀନିବାସ ଦାସ, ବାବା ନିମାଇଁ ଚରଣ ଦାସ, ବାବା ବୈଷ୍ଣବ ଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଆଧ୍ୟାତ୍ମିକ ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

# ୟୁପିଏସ୍‌ସି କୋଚିଂ ଦେବ ଉଚ୍ଚ ଶିକ୍ଷା ବିଭାଗ

**ଭୁବନେଶ୍ୱର:** ପୁଣି ଥରେ ୟୁପିଏସ୍‌ସି କୋଚିଂ ଦେବ ଉଚ୍ଚ ଶିକ୍ଷା ବିଭାଗ। ୨୦୦ ଆଶାୟୀଙ୍କୁ ଚୟନ କରି କୋଚିଂ ଦିଆଯିବ। କୋଚିଂ ଦେବା ସମୟରେ ଆଶାୟୀମାନେ ରହିବା ସୁବିଧା ମଧ୍ୟ ପାଇବେ। ଏଣ୍ଟ୍ରାନ୍ସ ଟେଷ୍ଟ ମାଧ୍ୟମରେ ଆଶାୟୀଙ୍କୁ ଚୟନ କରାଯିବ। ଫେବୃଆରୀ ୨୬ରେ ହେବ ଏଣ୍ଟ୍ରାନ୍ସ ଟେଷ୍ଟ। ଏନେଇ ସାମ୍ସ ପୋର୍ଟାଲରେ ମଡେଲ ଡେଭଲପ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ଓସିଏସ୍‌ସିକୁ ଆଜି ଚିଠି ଲେଖିଛି। ଯାହାକୁ ନେଇ ପୁଣି ୟୁପିଏସ୍‌ସି କୋଚିଂ ନେଉଥିବା ଆଶାୟୀଙ୍କ ଭିତରେ ଉତ୍ସାହ ପ୍ରକାଶ ପାଇଛି। ସୂଚନା ଥାଉ କି ପୂର୍ବରୁ ଦୁଇ ଦୁଇ ଥର ଏଭଳି କୋଚିଂ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। କିନ୍ତୁ ତାହା ସଫଳ ହୋଇନି। ଓଡ଼ିଆଙ୍କ ପ୍ରଦର୍ଶନ ୟୁପିଏସ୍‌ସିରେ ଦିନକୁ ଦିନ ହ୍ରାସ ପାଉଥିବାରୁ ବିଭାଗ ଏଭଳି ପଦକ୍ଷେପ ନେଉଛି। କିନ୍ତୁ ଏଯାଏ ସୁଫଳ ମିଳୁନି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ ...

ମାନ୍ୟତା ଦେବାକୁ ଘୋଷଣା କରିଥିଲେ ଓ ଯାହାକୁ ଅବିଭକ୍ତ କୋରାପୁଟବାସୀ ଦଳମତ ନିର୍ବିଶେଷରେ ପ୍ରଶଂସା କରିଥିଲେ। ଆଉ ତାରାଙ୍କ ଗୁରୁତ୍ୱ ବଢ଼ାଇବାକୁ ସଭା ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ ବିକ୍ରମଦେବ କଲେଜ ପରିସରରେ ଏକ ୧୦୦୦ସିଟ୍ ବିଶିଷ୍ଟ ଅଡିଟୋରିୟମ ନିମନ୍ତେ ମୁଖ୍ୟମନ୍ତ୍ରୀ ୮କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିବା ଘୋଷଣା କରିଥିଲେ। କେବଳ ସେତିକି ନୁହେଁ ତାରା ଯେଉଁ ସବୁ ଦାବି ରଖିଥିଲେ ସେଥିରୁ ଅଧିକାଂଶ ପୂରଣ ପାଇଁ ସରକାରୀସ୍ତରରେ ପ୍ରତିଶ୍ରୁତି ଦିଆଯାଇଛି। ଶ୍ରୀ ପାଣ୍ଡିଆନ ଗୁପ୍ତେଶ୍ୱର ମନ୍ଦିର, ଶାବରୀ ଘାଟ, ଦମୟନ୍ତୀ ସାଗର, ଜଗନ୍ନାଥ ସାଗର ଆଦି ଗସ୍ତ କରି ଏସବୁର ଉଦ୍ଧାର ଓ ଉନ୍ନତିକରଣ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ତାରାଙ୍କ ଚରମ ବିରୋଧୀ ତଥା ବିଜେଡିର ପୁରୁଖା ନେତା ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କୁ ଯେଭଳି ଅପମାନିତ କରି ସଭାମଞ୍ଚରୁ ଠେଲି ଠେଲି ତଳକୁ ବିଦା କରାଗଲା ତାହା ବି କେବଳ ତାରାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି। ସରକାରୀ କାର୍ଯ୍ୟକ୍ରମରେ ତାରାଙ୍କ ଦ୍ୱାରା ନବୀନ ପଟ୍ଟନାୟକ ଜିନ୍ଦାବାଦ, ଶ୍ରୀ ପାଣ୍ଡିଆନଙ୍କୁ ବାରମ୍ବାର ନମସ୍କାର ସହ ସମ୍ବର୍ଦ୍ଧନା ଦେବା ଓ ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ନାଁ ଉଚ୍ଚାରଣ ବାରମ୍ବାର କରିବାକୁ ନେଇ ମଧ୍ୟ ଜିଲ୍ଲା କଂଗ୍ରେସ ଶିବିରରେ ଅସନ୍ତୋଷ ଦେଖାଦେଇଛି। କଂଗ୍ରେସ କର୍ମୀମାନେ ଖୋଲାଖୋଲି ଭାବେ ତାରାଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଥିବାବେଳେ ବିଜେଡି ଆଗାମୀ ୨୦୨୪ ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଏଭଳି ଗୋଟିଚାଳନା କରିଥିବା ଚର୍ଚ୍ଚା ହେଉଛି। ବରିଷ୍ଠ ଆଦିବାସୀ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ତାଙ୍କ ପୁଅ ଶିଶିର ଗମାଙ୍ଗ ଓ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ ଆଦି ଏବେ କେସିଆରଙ୍କ ବିଆରଏସ୍ ପାର୍ଟିରେ ସାମିଲ ହୋଇଥିବାରୁ ବିଜେଡି ସେଠାରେ ନିଜର ଗଡ଼ ବଞ୍ଚାଇବା ପାଇଁ ଏବେ ତାରାଙ୍କ ଉପରେ ନଜର ପକାଇଛି। ସମ୍ଭବତଃ ବିଜେଡି ସହ ତାରାଙ୍କ ଡିଲ୍ ଚୂଡ଼ାନ୍ତ ହେବା ପରେ ସେ ଏଭଳି ଆଭିମୁଖ୍ୟ ପୋଷଣ କରିଛନ୍ତି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା।

### ସ୍ୱାସ୍ଥ୍ୟ ଯୋଜନାକୁ ...

ପ୍ରତି ରାଜ୍ୟ ପାଇଁ ହାରାହାରି ୨୦୦କୋଟି ଟଙ୍କା ପଡ଼ିବ। ଆୟୁଷ୍ମାନ ତୁଳନାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସକେୱାଇ) ବହୁତ ଉନ୍ନତ। ବାର୍ଷିକ ବ୍ୟୟ ବି ବହୁଗୁଣା ଅଧିକ। କେନ୍ଦ୍ର ସରକାର ବର୍ଷକୁ ୨୦୦କୋଟି ଦେବେ, ଯାହାକି ଆମର ଗୋଟିଏ ଜିଲ୍ଲା ପାଇଁ ଖର୍ଚ୍ଚ। ଆଉ ୨୯ଟି ଜିଲ୍ଲାର ଖର୍ଚ୍ଚ କିଏ ତୁଲାଇବ ବୋଲି ଶ୍ରୀମତୀ ମିଶ୍ର ତାସ୍ସଲ୍ୟ କରିଥିଲେ। ସେ କହିଥିଲେ ଯେ, ଆୟୁଷ୍ମାନ ଯୋଜନାରେ ପର୍ଯ୍ୟାପ୍ତ ପାଣ୍ଠି ଆବଣ୍ଟନ ହୋଇନି। ଆୟୁଷ୍ମାନ ଯୋଜନାରେ ପ୍ରତି ରାଜ୍ୟକୁ ବର୍ଷକୁ ୨୦୦କୋଟି ଟଙ୍କା ଆବଣ୍ଟନ ହେଉଥିବାବେଳେ ଆମ ବିଏସକେୱାଇରେ ପ୍ରତି ଜିଲ୍ଲାକୁ ବର୍ଷକୁ ୨୦୦କୋଟି ଟଙ୍କା ଦିଆଯାଉଛି। ସମଗ୍ର ଭାରତ ପାଇଁ ୭୨୦୦କୋଟି ଟଙ୍କା ଥିବାବେଳେ ଗୋଟିଏ ରାଜ୍ୟ ପାଇଁ ୬ହଜାର କୋଟି ଟଙ୍କା। କେନ୍ଦ୍ରୀୟ ବଜେଟ ଆସିବା ପରେ ଓଡ଼ିଶା ବିଜେପି ନିଜ ଭୁଲ୍ ବୁଝୁ ଓ ଆଉ ରାଜ୍ୟବାସୀଙ୍କୁ ରାଜ୍ୟ ବିଜେପି ଭୂଆଁ ନବୁଲାଉ ବୋଲି ବିଜେଡି କହିଛି। ଏହାର ଜବାବରେ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଅହଙ୍କାର ରହିଛି, ବଜେଟ୍ ପ୍ରତିକ୍ରିୟାରେ ଆୟୁଷ୍ମାନ ଭାରତକୁ ନେଇ ରାଜନୀତିକ ଟିପ୍ପଣୀ କରିଛନ୍ତି। ମୁଖ୍ୟମନ୍ତ୍ରୀ ବିଜେପି ପ୍ରତି ପ୍ରୟୋଗ କରିଥିବା ଶବ୍ଦ ଶୋଭନୀୟ ନୁହେଁ। ବିଏସକେୱାଇ ଯୋଜନାରେ କେଉଁ ରୋଗୀଙ୍କ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ତା’ର ତଥ୍ୟ ମୁଖ୍ୟମନ୍ତ୍ରୀ ସାର୍ବଜନୀନ କରନ୍ତୁ। ବାରମ୍ବାର ଦାବି ପରେ ବି ସରକାର ଏପର୍ଯ୍ୟନ୍ତ ଏହି ତଥ୍ୟ କାହିଁକି ସାର୍ବଜନୀନ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବିଜେପି ବିଧାୟକ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବଜେଟକୁ ଭଲରେ ଜାଣି ଟ୍ୱିଟ୍ କରିଛନ୍ତି ନା ତାଙ୍କ ଅଜାଣତରେ ଆଉ କିଏ ଟ୍ୱିଟ୍ କରିଛି। ଆୟୁଷ୍ମାନ ଭାରତ ଯୋଜନାରେ ୫୦କୋଟିରୁ ଅଧିକ ରୋଗୀଙ୍କୁ ୮୦ହଜାର କୋଟି ଟଙ୍କାର ସହାୟତା ମିଳିଛି। ୯ହଜାରରୁ ଅଧିକ ଜନଔଷଧି କେନ୍ଦ୍ରରେ ଗରିବଙ୍କୁ ୨୦ହଜାର କୋଟି ଟଙ୍କାର ଲାଭ ପାଇଛନ୍ତି। ରାଜ୍ୟ ସରକାର ରାଜନୀତିକ ଅଭିସନ୍ଧି ରଖି ଦୀର୍ଘ ୫ବର୍ଷ ହେଲା ଓଡ଼ିଶାର ପ୍ରାୟ ୬୦ଲକ୍ଷ ଗରିବ ପରିବାରକୁ ଆୟୁଷ୍ମାନ ଭାରତ ଯୋଜନାରୁ ବଂଚିତ ରଖିଛନ୍ତି। ଏପରିକି ଅନ୍ୟ ରାଜ୍ୟରେ କାମ କରୁଥିବା ୨୫ଲକ୍ଷ ଓଡ଼ିଆଙ୍କୁ ମଧ୍ୟ ଏହି ସ୍କିମରୁ ବଂଚିତ ରଖିବାକୁ ରାଜ୍ୟ ସରକାର ପଛାଇ ନାହାନ୍ତି। ସେମାନେ ଯେଉଁ ସବୁ ରାଜ୍ୟରେ କାମ କରୁଛନ୍ତି ସେଠାରେ ଆୟୁଷ୍ମାନ ଯୋଜନାର ଫାଇଦା ନେଇପାରୁଥାନ୍ତେ ବୋଲି ବିଜେପି କହିଛି।

### ମାଗିଥିଲେ ...

ଏଥିପାଇଁ ଲିଙ୍ଗରାଜ ରୋଡ୍ ଷ୍ଟେସନର ଆଧୁନୀକିକରଣ କାର୍ଯ୍ୟ କରାଯାଉଛି। ବନ୍ଦେ ଭାରତ ଟ୍ରେନ୍ ଭଳି ବନ୍ଦେ ଭାରତ ମେଟ୍ରୋ ୩୫-୫୦ କିମି ଥିବା ଷ୍ଟେସନ ଭିତରେ ଚାଲିବ। ଓଡ଼ିଶାରେ ପ୍ରଥମ ବନ୍ଦେ ଭାରତ ମେଟ୍ରୋ ଲିଙ୍ଗରାଜରୋଡ୍-ପୁରୀ ଭିତରେ ଚାଲିବା ଯୋଜନା ହୋଇଛି। ରାଜ୍ୟରେ ୨୮୦କିମି ନୂଆ ରେଳଲାଇନ ନିର୍ମାଣ ଓ ୫୭ଟି ଷ୍ଟେସନର ନବୀକରଣ ଲାଗି ବ୍ୟୟବରାଦ କରାଯାଇଛି। ରାଜ୍ୟରେ ନୂଆ ରେଳଲାଇନ ପ୍ରକଳ୍ପ ଲାଗି ଚଳିତବର୍ଷ ୨୫୬୫କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ରେଳମାର୍ଗ ଦୋହରିକରଣ ପାଇଁ ୩୮୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗିର ରୋଡ୍ ରେଳମାର୍ଗ ନିର୍ମାଣ ଶେଷ ପାଇଁ ୧୬୦୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ରାଉରକେଲା-ଝାରସୁଗୁଡ଼ା ପର୍ଯ୍ୟନ୍ତ ୧୦୧ କିମି ତୃତୀୟ ଲାଇନ ନିର୍ମାଣ ପାଇଁ ୧୨୬କୋଟି ଟଙ୍କା, ବଣ୍ଡମୁଣ୍ଡା-ରାଉରକେଲା ୪ର୍ଥ ଲାଇନ ନିର୍ମାଣ ପାଇଁ ୩୯କୋଟି, ଭଦ୍ରକ-ଖଡ଼ଗପୁର ପାଇଁ ୩୭କୋଟି ନାରାୟଣଗଡ଼-ଭଦ୍ରକ ୧୫୫କିମି ତୃତୀୟ ଲାଇନ୍ ପାଇଁ ୫୦୫କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ଧରି ରାଜ୍ୟ ସରକାର ରେଳବାଇ ଅନୁଦାନରେ ଓଡ଼ିଶା ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ କରୁଥିଲେ ମଧ୍ୟ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କ୍ଷମତାକୁ ଆସିବା ପରଠୁ ଓଡ଼ିଶାକୁ ରେଳବାଇ ଅନୁଦାନ ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାକୁ ୯୭୩୪କୋଟି ଟଙ୍କା ଅନୁଦାନ ମିଳିଥିଲା।

### ଓଡ଼ିଆରେ ...

ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ଓଡ଼ିଶା ହାଇକୋର୍ଟ ଏହାର ରାୟର ଓଡ଼ିଆ ଅନୁବାଦ ପାଇଁ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପ୍ରଧାନ ବିଚାରପତି ଏହି ଅବସରରେ ଆଶା ପ୍ରକଟ କରିଥିଲେ। କଟକରେ ଏହି ଉଦ୍ଘାଟନ ଉତ୍ସବ ପାଳିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ହାଇକୋର୍ଟର ସମସ୍ତ ବିଚାରପତି, ଆଇନଜୀବୀ ଏବଂ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, କଳାହାଣ୍ଡି, ଖୋର୍ଦ୍ଧା, ବଲାଙ୍ଗୀର, କୋରାପୁଟ ସୁନ୍ଦରଗଡ଼ ସମ୍ବଲପୁର ଓ ପୁରୀ ଜିଲ୍ଲାରେ ଆଜିଠାରୁ ଭିସି କ୍ୟାବିନ ବା ଭର୍ଚୁଆଲ ହାଇକୋର୍ଟ ଆରମ୍ଭ ହୋଇଛି। ଏହି ଜିଲ୍ଲାରେ ହାଇକୋର୍ଟ ଭର୍ଚୁଆଲରେ କାମ କରିବ। ଏହା କାର୍ଯ୍ୟ କରିବା ଫଳରେ ନିଜ ଅଞ୍ଚଳରେ ରହି ଜଣେ ମହକିଲ ଭର୍ଚୁଆଲ ମାଧ୍ୟମରେ ପିଟିସନ ଦାୟର କରିପାରିବେ। ସେଥିରେ ସଂଶୋଧନ ମଧ୍ୟ କରିପାରିବେ। ଭରଚୁଆଲ ଦ୍ୱାରା ମାମଲାର ଶୁଣାଣି ମଧ୍ୟ କରାଯାଇପାରିବ। ଆଇନଜୀବୀମାନେ ମାମଲା ପରିଚାଳନା କରିପାରିବେ। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେଉଥିଲା। କିନ୍ତୁ ଭର୍ଚୁଆଲ କ୍ୟାବିନ ବ୍ୟବସ୍ଥା ଲାଗୁ ହେବାପରେ ସେଭଳି ସମସ୍ୟା ଆଉ ଉପୁଜିବ ନାହିଁ ବୋଲି ଆଶା କରାଯାଉଛି।

### ମୁହଁ ଖୋଲିଲେ ...

ତଦନ୍ତରେ ସହଯୋଗ କରିବାକୁ ସିଏଫ୍‌ଏସ୍‌ଏଲ୍ ଟିମ୍‌ର ସହାୟତା ନିଆଯାଇଛି ବୋଲି କହିଛନ୍ତି ଡିଜିପି ଶ୍ରୀ ବଂଶଲ। ସୂଚନାଥାଉକି, ଗତ ୨୯ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବ୍ରଜରାଜନଗର ଯାଉଥିଲେ। ରାସ୍ତାରେ ତାଙ୍କୁ କର୍ମୀମାନେ ଅଟକାଇ ସ୍ୱାଗତ କରୁଥିଲେ। ସେହି ସମୟରେ ତାଙ୍କୁ ଏଏସ୍‌ଆଇ ଗୋପାଳ ଦାସ ଗୁଳି କରିଥିଲେ। ଏହା ପରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଝାରସୁଗୁଡ଼ା ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ଏଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ମନ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ ପୁଲିସ୍ ଗୋପାଳକୁ ଗିରଫ କରି ଝାରସୁଗୁଡ଼ା ବିମାନବନ୍ଦର ଥାନାକୁ ନେଇଥିଲା। ସେହିଠାରେ ଗୋପାଳ କିଛି ହାତ ଲେଖାକୁ ପାଇଖାନାରେ ପକାଇ ଫ୍ଲସ୍ କରିଦେଇଥିବା ଅଭିଯୋଗ ହୋଇଥିଲା। ସେହି ହାତ ଲେଖାକୁ ପାଇବା ପାଇଁ କ୍ରାଇମବ୍ରାଞ୍ଚ ପାଇଖାନା ଟାଙ୍କି ସଫା କରିଥିଲା। ଆଉ ସେଥିରୁ କିଛି ହାତ ଲେଖା କାଗଜ ପାଇଥିଲା। ମାତ୍ର ପଢ଼ି ହେଉନଥିବାରୁ କ୍ରାଇମବ୍ରାଞ୍ଚ ଅଡୁଆରେ ପଡ଼ି ଯାଇଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଗୋପାଳର ଭାଇକୁ ଉଠାଇ ନେଇ ଜେରା କରିଥିଲେ।

ଅନ୍ୟପଟେ ନବ ଦାସ ହତ୍ୟା ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚକୁ ମିଳିଲା ଅଭିଯୁକ୍ତ ଗୋପାଳ ଦାସର ଡାଏରୀ। ତଦନ୍ତ ଅଗ୍ରଗତି ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି ସୂଚନାରେ ଡାଏରୀ ତଥ୍ୟ ବିଷୟରେ ଉଲ୍ଲେଖ କରାଯାଇଛି। ଗୋପାଳର ବନ୍ଦ ଥିବା ସରକାରୀ କ୍ୱାର୍ଟର୍ସ ଓ ଗାନ୍ଧି ଛକ ଫାଣ୍ଡି ଅଫିସିଆଲ ଡେସ୍କ ଯାଞ୍ଚ କରିଥିଲା କ୍ରାଇମବ୍ରାଞ୍ଚ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ ବେଳେ ମିଳିଥିଲା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର। ଯାହା ଭିତରେ କିଛି ହାତ ଲେଖା କାଗଜ ଓ ପ୍ରିଣ୍ଟ ଡକ୍ୟୁମେଣ୍ଟ ରହିଛି। ମିଳିଥିବା ଡକୁମେଣ୍ଟ ଓ ଡାଏରୀକୁ କ୍ରାଇମବ୍ରାଞ୍ଚ ଅଫିସର ଯାଞ୍ଚ ଚଳାଇଛନ୍ତି।

ଅନ୍ୟପଟେ ଜୟନାରାୟଣ ମିଶ୍ର ପିଏସ୍‌ଓ ଫେରାଇବା ଘଟଣା ଓ ଏନେଇ ରଖିଥିବା ମନ୍ତବ୍ୟକୁ ବିରୋଧ କରି ସାମ୍ବାଦିକ ସମ୍ମିଳନୀ କରିଛି ଓଡ଼ିଶା ପୁଲିସ ହାବିଲଦାର କନଷ୍ଟେବଲ ସିପାହୀ ସଂଘ। ସାମ୍ବାଦିକ ସମ୍ମିଳନୀରେ ଜୟନାରାୟଣଙ୍କ ପଦକ୍ଷେପକୁ ସଂଘ ନିନ୍ଦା କରିଛି। ଏହାଦ୍ୱାରା ୯୦ ହଜାର ପୁଲିସ୍ କର୍ମୀଙ୍କ ଉପରେ ମାନସିକ ପ୍ରଭାବ ପଡ଼ିଛି ବୋଲି ଅଭିଯୋଗ ହୋଇଛି। ଜୟନାରାୟଣ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରିବାକୁ ଓଡ଼ିଶା ପୁଲିସ ମହାସଂଘ ସାଧାରଣ ସମ୍ପାଦକ ଉମେଶ ଚନ୍ଦ୍ର ସାହୁ ଓ ଓଡ଼ିଶା ହାବିଲଦାର କନେଷ୍ଟବଳ ଓ ସିପାହୀ ମହାସଂଘ ସାଧାରଣ ସମ୍ପାଦକ ପଞ୍ଚାନନ ବେହେରା ଦାବି କରିଛନ୍ତି।

### ଭିତ୍ତିଭୂମି ...

ଆମର ବିଶ୍ୱାସକୁ ଆହୁରି ମଜବୁତ କରିଛନ୍ତି। ମା ମାନଙ୍କୁ ଉଦ୍ୟୋଗୀ ଭାବରେ ଦେଖିବାକୁ ଚାହେଁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସବୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାନୁଷ୍ଠାନରେ ପରିଣତ କରିବା ପାଇଁ କାମ ଆରମ୍ଭ ହୋଇଛି ଏବଂ ଏଥିପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯାଉଛି। ଆଗାମୀ ୫ ବର୍ଷରେ ୫୦ ହଜାର କୋଟି ଟଙ୍କା ଋଣ ଦିଆଯିବ ବୋଲି ସେ କହିଥିଲେ। ମା ମାନଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଜିଲ୍ଲାର ୧୨୩୫ ମିଶନ ଶକ୍ତି ଗୋଷ୍ଠୀକୁ ୫୦ କୋଟି ଟଙ୍କାର ସୁଧ ବିହୀନ ଋଣ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କୋରାପୁଟ ପର୍ଯ୍ୟଟନ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ପୋଷ୍ଟାଲ କଭର ଉନ୍ମୋଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପେଡାଲ, କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲ୍ଲେକା ଏବଂ କୋରାପୁଟ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱବିଦ୍ୟାଳୟ ଘୋଷଣାକୁ ସ୍ୱାଗତ କରିଥିଲେ ଏବଂ ଏହାଦ୍ୱାରା କୋରାପୁଟ ଜିଲ୍ଲା ଓ ସମଗ୍ର ଦକ୍ଷିଣ ଓଡିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବିପୁଳ ସୁଯୋଗ ସୃଷ୍ଟି ହେବ ବୋଲି ମତବ୍ୟକ୍ତ କରିଥିଲେ।

### ମାନିବେ ...

ଏବଂ ଗୋଇପାକା ସୀମା ଚିହ୍ନଟ ହୋଇଥିଲା। ତା’ପରେ ସୀମାରେ ଖମ୍ବ ପୋତି ଚିହ୍ନଟ କରାଯାଇଥିଲା। ରାୟଗଡ଼ା ତହସିଲଦାର ତାପସ ରାଉତ କହିଛନ୍ତି, ଆନ୍ଧ୍ରପ୍ରଦେଶ ସରକାରଙ୍କ ତରଫରୁ ଓଡ଼ିଶାର ପାଲମ୍‌ତୁଳସୀ ଗାଁ ଭିତରେ ଏକ ପ୍ରାଇଭେଟ୍ ଜାଗା ରାସ୍ତା ନିର୍ମାଣ କରାଯାଉଥିଲା। ଯାହାକୁ ଗାଁ ଲୋକେ ବିରୋଧ କରିଥିଲେ। ଆଜି ଆନ୍ଧ୍ରପ୍ରଦେଶର ତହସିଲଦାରଙ୍କ ଉପସ୍ଥିତିରେ ଷ୍ଟୋନ୍ ପଏଣ୍ଟ ଦେଖାଇ ସୀମା ଚିହ୍ନଟ କରିଥିଲୁ। ଉଭୟ ପକ୍ଷର ଲୋକଙ୍କୁ ଅନୁରୋଧ କରୁଛୁ, କୌଣସି ଅନ୍ତର୍ଦ୍ୱନ୍ଦ୍ୱ ନରଖି ସରକାରଙ୍କୁ ସହଯୋଗ କରନ୍ତୁ। ଓଡ଼ିଶା ଜାଗାରେ ଓଡ଼ିଶା ସରକାରଙ୍କ ତରଫରୁ ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଆନ୍ଧ୍ରରେ ସେଠାକାର ସରକାର ରାସ୍ତା ନିର୍ମାଣ କରିବ ବୋଲି ତହସିଲଦାର କହିଛନ୍ତି।

# ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ଦିବସ ପାଳିତ



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ଓ ଜଳସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରକାରୀ ମୁଖ୍ୟସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଆମ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ତେଣୁ ପାଣି ପଞ୍ଚାୟତର ବ୍ୟବସ୍ଥା ଅନୁଯାୟୀ ଚାଷୀମାନେ ଉପକୃତ ହୋଇଥାନ୍ତି। ପାଣି ପଞ୍ଚାୟତ ହେବା ଦ୍ୱାରା ଚାଷୀମାନେ ନାଳକୁ ସୁରକ୍ଷାଦେବା ସହିତ କାଡା ନାଳ ଗୁଡିକର ବି ମରାମତି କାର୍ଯ୍ୟ କରିଥାନ୍ତି। ଏହି ଉତ୍ସବରେ ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ କହିଥିଲେ ଯେ ଆଜିଠୁ ୧୫ଦିନ ପର୍ଯ୍ୟନ୍ତ ପକ୍ଷପାଳନ କରାଯିବ। ଚାଷୀମାନଙ୍କ ପାଇଁ ବିଭିନ୍ନ ମଙ୍ଗଳ ଯୋଜନା ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଉଛି। ଏହାଦ୍ୱାରା ଚାଷୀ ପ୍ରତିନିଧୀମାନଙ୍କୁ ଜଣାଇବା ସହିତ ଗ୍ରାମାଂଚଳମାନଙ୍କରେ ଚାଷୀମାନେ କିପରି ଉନ୍ନତି କରିପାରିବେ ସେ ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ହିତନିମନ୍ତେ ରାଜ୍ୟ ସରକାର ଯେଉଁ ଯୋଜନା ସବୁ ପ୍ରଣୟନ କରୁଛନ୍ତି ତାହାର ପ୍ରଂଶସା କରିବା ସହିତ ଚାଷୀମାନଙ୍କୁ ସରକାର ସମସ୍ତ ଯୋଜନାକୁ କାର୍ଯ୍ୟକ୍ଷେତ୍ରରେ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ହେବ, ତେଣୁ ଚାଷୀମାନେ ଚାଷକାର୍ଯ୍ୟ ଉପରେ ନିର୍ଭର କରିବାକୁ ପରାମର୍ଶ ଦେଇଥିଲେ। ଜଗତସିଂହପୁର ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ଶତପଥୀ ଯୋଗଦେଇ ଜଳ ହିଁ ଜୀବନ ଓ ଜଳ ହିଁ ସମ୍ପଦ ବୋଲି କହିଥିବା ବେଳେ ପାଣି ପଞ୍ଚାୟତ ମାଧ୍ୟମରେ ଜଳର ସୁଷମ ବଣ୍ଟନ ହେଉଛି ବୋଲି କହିଥିଲେ। ସରକାର ଅନୁଦାନ ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ଆର୍ଥିକ ସହାୟତା ବଳରେ ନାଳ ଗୁଡିକ ରକ୍ଷଣାବେକ୍ଷଣ କରାଯାଉଛି। ଏହି ଉତ୍ସବରେ ମହାନଦୀ ସାଉଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତି ଉପସ୍ଥିତ ଥିବା ବେଳେ ଉତ୍ସବରେ ବିଭିନ୍ନ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିବା ବେଳେ ପାଣି ପଞ୍ଚାୟତ ରଥକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ରଥଟି ଜିଲ୍ଲା ପରିକ୍ରମା କରି ଚାଷୀମାନଙ୍କୁ ସଚେତନ କରାଇବା ପାଇଁ ଚୟନ କରାଯାଇଥିଲା।

# ରଘୁନାଥପୁର ବ୍ଲକରେ ଜନଶୁଣାଣି ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ଧାରଣା



**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ରଘୁନାଥପୁର ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ସମୟରେ ବହୁ ଲୋକ ନିଜ ନିଜର ଆବେଦନକୁ ଧରି ଆସିଥିବା ବେଳେ ଏଠାରେ ନ୍ୟାୟ ମିଳୁନାହିଁ କି ଆମେ ଦେଇଥିବା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଯେଉଁ କିଛି ସମସ୍ୟାଗୁଡିକ ଶୁଣାଣି କରାଯାଉଛି ତାହା କେବଳ କାଗଜ କଲମରେ ରହି ଯାଉଛି। ବର୍ଷ ବର୍ଷ ଧରି ବିଧବା ଭତାବି ମିଳିପାରୁନାହିଁ କି ରାସନସାମଗ୍ରୀ ପାଇଁ ଆବେଦନ କଲେ ବି ତାହା ମିଳିପାରୁନାହିଁ। ଏହି ଜନଶୁଣାଣି ଶିବିରରେ ମୋଟ ୨୨୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବହୁ ସଂଖ୍ୟାରେ ଅଭିଯୋଗ ପ୍ରଦାନ କରାଯାଇଥିଲା। ଏସିସିସି ନମ୍ବରରେ ଆଗରୁ ଯେଉଁମାନଙ୍କର ନାମ ତାଲିକା ଥିଲା ଏବେ ତଦନ୍ତ କଲାପରେ କିପରି କାଟି ଦିଆଗଲା ବୋଲି ଜିଲ୍ଲାପାଳଙ୍କୁ ଏପ୍ରଶ୍ନ ଜନସାଧାରଣ ପଚାରିଥିଲେ। ଜିଲ୍ଲାପାଳ ଏହାର ଉତର ଦେଇ ଆଉଥରେ ଏହାର ତଦନ୍ତ କରାଯିବ ବୋଲି କହି ଲୋକଙ୍କୁ ବୁଝାଇଥିଲେ ବି ଅଢେଇକୂଳ ଓ ଜଗନ୍ନାଥପୁର ଗ୍ରା.ପ.ର ଗରିବ ଶ୍ରେଣୀର ଲୋକମାନେ ଜିଲ୍ଲାପାଳଙ୍କ ଜନଶୁଣାଣି ଆଗରେ ଧାରଣାରେ ବସିଥିଲେ। ଜଗନ୍ନାଥପୁର ଗ୍ରା.ପ.ର ଚକ୍ରଧର ସେନାପତି ଝିଅ ଚାରୁଲତା ସେନାପତି, ବାଇଧର ସେଠୀଙ୍କ ବିଧବା ଝିଅ ବୀଣା ରାଉତ, କୃଷ୍ଣ ସେଠୀଙ୍କ ଝିଅ ଗୌରୀ ସେଠୀ ଓ ପହଲି ସ୍ୱାଇଁଙ୍କ ସୁମନ୍ତ ସ୍ୱାଇଁଙ୍କ ପରି ୫୭ଜଣଙ୍କ ନାମ ଅଯୋଗ୍ୟ ତାଲିକାରେ ସ୍ଥାନ ପାଇଥିବାରୁ ସେମାନେ ଧାରଣା ଦେଇଥିବା ବେଳେ ଗୁଆଳିପୁର ଗ୍ରା.ପ.ର ସ୍ୱର୍ଗତଃ ବୀରବର ସ୍ୱାଇଙ୍କ ଭିନ୍ନକ୍ଷମ ଝିଅ କାମିନୀ ସ୍ୱାଇଁଙ୍କ ନାମ ଯୋଗ୍ୟ ତାଲିକାରୁ କଟିଥିବାରୁ ସେ ନେଇ ଅଭିଯୋଗ ହୋଇଥିଲା। ଏହି ସମସ୍ତ ଘଟଣାରୁ ଜଣାପଡିଥିଲା ଯେ ତଦନ୍ତ ସମୟରେ ନିଯୁକ୍ତି ପାଇଥିବା ଅଧିକାରୀମାନେ ନାମ ତାଲିକାରେ ରଖିବାକୁ ଚାହୁଁଥିଲେ ଲାଞ୍ଚ ଦେବାକୁ ପଡିବ ବୋଲି କହିଥିଲେ। ଜିଲ୍ଲାପାଳଙ୍କ ଅଭିଯୋଗରେ କାଳେ ନ୍ୟାୟ ନମିଳିପାରିବ ସେଥିନିମନ୍ତେ ତାଲିକାରୁ ବାଦ୍ ପଡିଥିବା ବହୁ ଲୋକ ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ଜିଲ୍ଲାପାଳ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ରେଜେଷ୍ଟ୍ରି ଡାକଯୋଗେ ଜଣାଇ ଆଉଥରେ ତଦନ୍ତ କରିବାପାଇଁ ଦାବି ଜଣାଇଛନ୍ତି। ଏଜି ଜନଶୁଣାଣି ଶିବିରରେ ଏସପି ରାହୁଲ ପିଆର, ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ତିର୍ତ୍ତୋଲ ଏସଡିପିଓ ପ୍ରଶାନ୍ତ କୁମାର ମାଝି, ତହସିଲଦାର ରୂପାଲିକା ଦାଶ, ବିଡିଓ ଲମ୍ବୋଦର ଖୁଣ୍ଟିଆ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ୱର୍ଗତ ନବ ଦାସଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ମାଲକାନଗିରି :** ମାଲକାନଗିରି ଜିଲ୍ଲା ପରିଷଦ ସଭା ଗୃହ ଠାରେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କୁ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଭାବ ବିହ୍ୱଳ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ସାରା ଓଡ଼ିଶା, ଓ ମାଲକାନଗିରି ଜିଲ୍ଲା ପ୍ରତି ତାଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରାଯାଇଥିଲା ତଥା ମନ୍ତ୍ରୀଙ୍କ ବିୟୋଗରେ ଓଡ଼ିଶା ରାଜନୈତିକ କ୍ଷେତ୍ରରେ ଏକ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି ହେଲା ବୋଲି ଉପସ୍ଥିତ ମାନ୍ୟବର ବିଧାୟକ ଓ ପୂର୍ବତନ ବିଧାୟକ ଜିଲ୍ଲା ଉପଦେଷ୍ଟା ଏବଂ ସଭ୍ୟମାନେ ମତ ବ୍ୟକ୍ତ କରିବା ସହ ଫୋଟୋ ଚିତ୍ରେରେ ପୁଷ୍ପମାଲ୍ୟ ଅର୍ପଣ କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକ ସଭାରେ ମାନ୍ୟବର ବିଧାୟକ ଚିତ୍ରକୋଣ୍ଡା ପୂର୍ଣ୍ଣ ଚନ୍ଦ୍ର ବାକା, ପୂର୍ବତନ ବିଧାୟକ ମାନସ ମାଡକାମୀ, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ପୌରପରିଷଦ ଉପ ଅଧ୍ୟକ୍ଷା କବିତା ମହନ୍ତ ଜିଲ୍ଲା ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା, କୋରାପୁଟ ଜୋନ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ସୁକାନ୍ତି ବୁରୁଦା, ଆଇନ ଜିବି ଲମ୍ବୋଦର ତ୍ରିକ, ରାଜ୍ୟ ଯୁବ ଜନତା ଦଳ ସମ୍ପାଦକ ରବି ରାଜେଶ, ଜିଲ୍ଲା ଛାତ୍ର ଜନତା ଦଳ ସଭାପତି ତାପସ ରଞ୍ଜନ ନାୟକ ବାଲିମେଳା ନଗର ସଭାପତି ମଙ୍ଗଳା ପାଙ୍ଗି ଖଇରପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀ ଜିଲ୍ଲା ଯୁବ ଜନତା ଦଳ ଉପ ସଭାପତି କଣ୍ଟେଶ୍ୱର ପୋଟଲା ଜିଲ୍ଲା ଯୁବ, ଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ, ଓ ସମ୍ପାଦକ ସୁବ୍ରତ ଦାସ ପ୍ରଫୁଲ ହରିଜନ, ବସନ୍ତ ନାୟକ, ରାଜ ନାୟକ, ଇନ୍ଦ୍ରଜିତ ରଥ, କଉଁସିଲର ବତୀ ଜାନି ଦୀପିକା ପୂଜାରୀ, ମହିଳା ନେତ୍ରୀ କମଳା ଢାଲି, ନିତିନ ବାଲା, ଇନ୍ଦୁ ସର୍ଦ୍ଦାର, ସୁନୀଲ ସାହୁ ଓ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକସନ୍ତପ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ଆମ ମୟୂରଭଞ୍ଜର ରେଳଗାଡି ଓ ତାର ଇତିହାସ ଅତୁଟ ସମ୍ପର୍କର ନିବିଡ଼ ବନ୍ଧନ



ବିଜୁ ସିଂ



ଭାରତୀୟ ରେଳବାଇ ରେ ବାଷ୍ପ ଚାଳିତ ଇଞ୍ଜିନର ସ୍ଥିତି ଅନନ୍ୟ ଏବଂ ଐତିହାସିକ ଥିଲା। ମୟୂରଭଞ୍ଜ ମାଟିରେ ରେଳ ର ଗୌରବମୟ ଇତିହାସ ସର୍ବଦା ଆମ ପାଇଁ ଏକ ପୁଲକପ୍ରଦ ପ୍ରେରଣା। ଆମ ମୟୁରଭଞ୍ଜ ର ଗୌରବମୟ ଇତିହାସ ବହନ କରୁଥିବା ଏହି ରେଳ ଇଞ୍ଜିନ ଗୁଡିକୁ ଦେଖିଲେ ମନେହୁଏ ଏହି କଳା ରଙ୍ଗର କୋଇଲା ଇଞ୍ଜିନ ଗୁଡ଼ିକ ହୁଏତ ଭୁଲି ଯାଇ ଥାଇପାରେ ସେମାନଙ୍କ ସମ୍ଭ୍ରାନ୍ତ ଅତୀତ। ଭୂଲି ଯାଇଥିପାରେ ସେମାନଙ୍କର ସେଦିନର ସେହି ଅବିସ୍ମରଣୀୟ ଚିତ୍ର। ଆଜିବି ଏକ ଅଲିଭା ସ୍ମୃତି ହୋଇ ରହିଛି ଆମ ସମସ୍ତଙ୍କ ପାଇଁ। ଆଉ ଆଜିର ଓଡ଼ିଶାରେ, ନିଶ୍ଚୟ ଜଣେ ସ୍ୱାଭିମାନୀ ମୟୂରଭଞ୍ଜିଆଟିଏ ଗର୍ବ କରିବ ତା'ର ସମ୍ଭ୍ରାନ୍ତ ଅତୀତର ରେଳ ଇତିହାସରଅସରନ୍ତି ଗାଥା କୁ ନେଇ...। ମାନସ ପଟରେ ଆଙ୍କିହୋଇଯାଏ ରୂପସା ରୁ ବାଙ୍ଗିରିପୋଷିର ଟ୍ରେନ ଲାଇନ୍ ଓ ତହିଁରେ ରେଳ ଚଳାଚଳ। ନେରୋଗଜ୍ ରେଳଲାଇନ ଚାଲୁଥିଲା କୋଇଲା ଇଞ୍ଜିନ୍। ପରେ ଯୋଡିହେଲା ଡିଜେଲ୍ ଇଞ୍ଜିନ। ପୁଣି ନିର୍ମାଣ ହେଲା ବ୍ରଡଗଜ ରେଳଲାଇନ୍। ଚାଲିଲା ଦ୍ରୁତଗାମୀ ରେଳଗାଡି। ବାଙ୍ଗିରିପୋଷିରୁ ଭୁବନେଶ୍ୱର ସୁପରଫାଷ୍ଟ ଏବଂ ଭଞ୍ଜପୁରରୁ କୋଲକତାର ଶାଲିମାର୍। ଶିମିଳିପାଳ ଏକ୍ସପ୍ରେସ୍ ନାମରେ।

ତା' ସହ ଡିଏମୟୁ, ମେମୁ ଇତ୍ୟାଦି। ରୁପସା–ବାରିପଦା –ବାଙ୍ଗିରିପୋଷି ନେରୋ ଗଜ୍ ରେଳ ଲାଇନ ମୟୂରଭଞ୍ଜର ପୂର୍ବତନ ଶାସକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଯେତେବେଳେ ଓଡିଶାରେ କୌଣସି ରେଳଗାଡି ର ଚଳଚଳ ନଥିଲା। ସେତେବେଳେ ମୟୂରଭଞ୍ଜର ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରଥମ କରି ବାଷ୍ପଚାଳିତ ଇଞ୍ଜିନ ଥିବା ରେଳଗାଡି ଚଳାଇଥିଲେ। ଯାହାକି ୧୯୦୩ ମସିହାରେ ରୁପସା ଠାରୁ ବାରିପଦା ପର୍ଯ୍ୟନ୍ତ ଏବଂ ୧୯୦୫ ମସିହାରେ ଲେକମାନଙ୍କର ଯାତାୟତ ତଥା ବନ୍ୟଜାତ ଦ୍ରବ୍ୟର ରପ୍ତାନୀ ପାଇଁ ରୂପସାରୁ ବାଙ୍ଗିରିପୋଷିର ତାଳବନ୍ଧକୁ ଏହି ଲାଇନର ସଂପ୍ରସାରଣ। ପରବର୍ତ୍ତୀ ସମୟରେ ତାହା ପ୍ରଥମେ ନେରୋଗେଜ୍ ପରେ ମିଟର ଗଜରେ ରୂପାନ୍ତରୀଣ ହୋଇଥିଲା। ସନ ୨୦୦୫ ମସିହାରେ ଏହା ବ୍ରଡଗେଜ୍ ରେ ପରିଣତହୋଇଛି।

***ପିଲାବେଳେ ମୋତେ କିଏ କହିଥିଲା କହିପାରିବିନି ?***

କିନ୍ତୁ ଏହି ରେଳଗାଡି କୁ ଆମେ ମା' କାଳୀ ବୋଲି ଭାବି ମୁଣ୍ଡ ନୂଆଇଁ ପ୍ରଣାମ କରୁଥିଲୁ। ଯିବା ଆସିବା ବେଳେ ରେଳଧାରଣା ପାର ହେଉଥିବା ସମୟରେ ଯଦି ରେଳଗାଡି ଛିଡା ହୋଇଥାଏ ଭଞ୍ଜପୁର ଷ୍ଟେସନରେ ଅବା ବାଘଡାରୋଡରେ। ଷ୍ଟେସନ ବଜାରର ବଡ ଷ୍ଟେସନରେ ରେଳଗାଡି ରୁଷ୍ଠାରୁ କେତେ ବେଳେ ଆସି ଲାଗେ ? କିନ୍ତୁ ଆମର ଭେଟ ହୁଏ ଭଞ୍ଜପୁର କିମ୍ବା ବାଘଡାରୋଡରେ ସ୍କୁଲ ଯିବା ଆସିବା ସମୟରେ। ସବୁଦିନ ପରି ଭଞ୍ଜପୁର ଷ୍ଟେସନରୁ ରେଳଗାଡି ହୁଇସିଲ ମାରେ। କୋଇଲା ଚାଳିତ ରେଳଇଞ୍ଜିନରେ ଜଣେ ନାବିକ, ଅଗ୍ନିଶମ କର୍ମଚାରୀ, ଏବଂ ଡ୍ରାଇଭରକୁ ନେଇ ତିନିଜଣିଆ ଟିମ ଦ୍ୱାରା ପରିଚାଳିତ ହେଉଥିଲା। ଅଗ୍ନିଶମ କର୍ମଚାରୀ ଜଣକ ଭଙ୍ଗା ଭଙ୍ଗା କୋଇଲାକୁ ଇଞ୍ଜିନର ଅଗ୍ନି ବାକ୍ସରେ ପକାନ୍ତି। ଅଗ୍ନି ପ୍ରଜ୍ୱଳିତ ଚୁଲିର ହଳଦିଆ ଅଗ୍ନିପିଣ୍ଡ ଯାହାର ତାପମାତ୍ରା ପ୍ରାୟ ୨୫୦୦ ଡିଗ୍ରୀ ଥାଏ। ମସିହା ୧୯୮୬,୧୯୮୭ ହେବ। ଆମ ପିଲାମାନଙ୍କ ପାଇଁ ବହୁତ୍ ଗୁରୁତ୍ୱପୂର୍ଣ୍ଣ ଥିଲା ସେତେବଳେ ଭଞ୍ଜପୁର ରେଳଷ୍ଟେସନ ଟି କାରଣ ସେଠାରେ ଥିଲା ବାହାରେ ଏକ ପାଣି ଘର ? ଅବା ପୁରାତନ ରାଜାସମୟର ଟିକଟ ଘର ମନେପଡୁନି। କିନ୍ତୁ ମନେ ଅଛି ସେଠାରେ ଥିଲା ଏକ ଲୁହାର କବାଟ। କବାଟଟି ସମ୍ପୂର୍ଣ୍ଣ ଲୁହା ରେ ତିଆରି ଆମେ ଆସୁ ସେହି କବାଟରେ ନଟୁ କଣ୍ଟା ଖୋଲିବା ପାଇଁ। ନଟୁ କଣ୍ଟା ବଦାଳାଇବା ପାଇଁ। କେମିତି ପ୍ରସେସ୍ ବୁଝିଲେ ତ ? ନଟୁର କଣ୍ଟାଟିକୁ ଲୁହାର କବାଟରେ ରଖି କବାଟଟିକୁ ଜୋରରେ ଜାକି ଧରି କଣ୍ଟାକୁ ବୀପରିତ ଦିଗରେ ବୁଲାଇଲେ କଣ୍ଟାଟି ବେଶ୍ ଆପଣା ଛାଏଁ ବାହାରି ଆସିବ। ତା'ପରେ ପୁଣି ବୀପରିତ ଦିଗରେ ବୁଲାଇଲେ ପୁଣି ନୂଆ କଣ୍ଟା ବସିଯିବ। ପୁଣି ଏହି ରେଳଗାଡି ମନେପକାଇ ଦିଏ ବାରିପଦା ମାଟିର ସୁପରହିଟ ଓଡିଆ ଚଳଚ୍ଚିତ୍ର ଫୁଲଚନ୍ଦନ ସିନେମାର କଥା। ଏହି ରେଳଗାଡିରେ ଚଳଚ୍ଚିତ୍ରର ନାୟକ ଆମ କୁନିଆ ଭାଇ ରେଳଗାଡିରୁ ଓହ୍ଲେଇବାର ଦୃଶ୍ୟ। ଭଞ୍ଜପୁରରୁ ଦାମୋଦରପୁର ଜାତୀୟ ରାଜପଥର ବାଙ୍କ ମଧ୍ୟରେ ଅନେକ ଫୋଟ ସୁଟ ହୋଇଛି। ଏହିପରି ଅନେକ ଓଡିଆ ଚଳଚ୍ଚିତ୍ର ରେ ମଧ୍ୟ ଏହି ରେଳଗାଡି ରହିଛି। ଏବେବି ଭଞ୍ଜପୁର ଷ୍ଟେସନ ର ସେହି ବରଗଛ। ଏବେ ମଧ୍ୟ ରହିଛି। ସେଠାରେ କାମ ସନ୍ଧାନରେ ପ୍ରତ୍ୟହ ଆସୁଥିଲେ ଅନେକ ଶ୍ରମିକ। ଜମାହୁଅନ୍ତି ଅନେକ କୁଶଳୀ –ଅଣ କୁଶଳୀ ରାଜମିସ୍ତ୍ରୀ, ମୁଲିଆ, ମୁଲିଆଣୀ କିଏ କିଏ ରେଜା ମଧ କହନ୍ତି। ସେହିଠାରୁ ସେମାନେ ନୂଆ କାମ ର ନିଯୁକ୍ତି ପାଇ ଯାଇଥାନ୍ତି।

କାମ ଯଦି ବେସୀ ଦିନ ହେବାକୁ ଥାଏ ତେବେ ସେମାନେ କାମ ସାରିବା ପରେ ହିଁ ପୁଣି ଆସନ୍ତି ସେହି ସ୍ଥାନକୁ ନୂଆ କାମର ଖୋଜରେ। ସେହିପରି ବାଙ୍ଗିରିପୋଷି ରେଳଷ୍ଟେସନ। ଆମେ ମାମୁଁ ଘରକୁ ଯାଇଥିଲେ ଷ୍ଟେସନ ଆସୁ। ଇଞ୍ଜିନର ବୁଲାଣି ଦେଖୁ। ରେଳଗାଡିର ପାଣିପିଆ ଦେଖୁ। ଏକ ବଡ କୂଅ ଭଳି ଦେଖାଯାଉଥିବା ପାଣି ସଂରକ୍ଷଣ ଭଣ୍ଡାରରୁ ପ୍ରଥମେ ପାଣି ଯାଇ ପଶେ ଷ୍ଟେସନରେ ଥିବା ପାଣିଟାଙ୍କିରେ।

ତା' ପରେ ରେଳ ଇଞ୍ଜିନରେ। ଏହାକୁ ହିଁ ପାଣିପିଆ କହିଥାନ୍ତି। ବାଙ୍ଗିରିପୋଷି ରେଳଷ୍ଟେସନ ରେ ଥିବା କ୍ୱାର୍ଟର ଗୁଡିକରେ ସେତେବେଳେ ଅନେକ ରେଳ କର୍ମଚାରି ରହୁଥିଲେ। ମାମୁଁ ଘରୁ ଏକ କିମି ଦୂରେ ରେଳ ଷ୍ଟେସନ। ସେମାନେ ଆମ ପିଲା ମାନଙ୍କୁ ସେଠାରେ ଦେଖିଲେ ପାଠ ପଚାରନ୍ତି। ସବୁ ଠିକ ଠିକ କହିଲେ ବହୁତ ଖୁସି ହୁଅନ୍ତି। ବେଳେ ବେଳେ ଖୁସିରେ ଚକଲେଟ ମଧ ଦିଅନ୍ତି। ପରେ ଜାଣିଲି। ସେମାନଙ୍କୁ ଗେଙ୍ଗକୁଲି କହନ୍ତି। ଧନ୍ୟ ସେମାନେ ଆଉ ସେମାନଙ୍କ ପାଠପଢା ପ୍ରତି ଚିନ୍ତାଧାରା କେତେ ମହାନ !

ଆଜି ସେମାନେ ମନେ ପଡନ୍ତି।



ସେତେବେଳେ ବାଙ୍ଗିରିପୋଷିରୁ ଏହି ଟ୍ରେନରେ କାଠ ସୁବିଧାରେ ନେଇ ଆସୁଥିଲେ। ଭଞ୍ଜପୁର ପହଞ୍ଚିବା ମଧ୍ୟରେ ସେଗୁଡିକୁ ତଳକୁ ପକାଇ ଦିଆଯାଏ। ରୂପସାରୁ ବାଙ୍ଗିରିପୋଷି ଏହି ରେଳପଥ ରେଳଗାଡି।

ରେଳଷ୍ଟେସନ। ପ୍ରତ୍ୟକଟି ରେଳଡବା ଆମ ପାଇଁ କେବଳ ରେଳଗାଡିରେ ବ୍ୟବହୃତ ବସ୍ତୁ ମାତ୍ର ନୁହଁ ବରଂ ଇତିହାସର ପ୍ରେକ୍ଷାପଟରେ ଜୀବନ- ଜୀବିକା, ଅନନ୍ୟ ବାଲ୍ୟକାଳ, କହିବାକୁ ଗଲେ ଏକ ନିଛକ ସମ୍ପର୍କର ସେତୁବନ୍ଧ। ଅନନ୍ୟ ସୁତ୍ରଟିଏ। ବନ୍ଧୁ -ସହ - ବନ୍ଧୁତାର ଯୁଗଳବନ୍ଦୀ। ରେଳଗାଡି ବୁଢାମରା ଷ୍ଟେସନ ପାର ହେଲେ ବୁଢାମରା ଗାଁ ପଡିଥାଏ। ଟିଫିନ କେରିୟର ଧରି ଝିଏଟିଏ ଅପେକ୍ଷା କରିଥାଏ। ତା' ବାପା ଏହି ରେଳଗାଡିର ଡ୍ରାଇଭର।

ରେଳଗାଡି କ୍ରମଶଃ ସେଠାରେ ଧୀର ହୁଏ। ଝିଅ ହାତରୁ ବାପା ଟିଫିନ କେରିୟର ନେଇଥାନ୍ତି। ଏହା ଦିନବେଳର ଲଞ୍ଚ। ପୁଣି ଏହି ରେଳଗାଡିକୁ ଦେଖି ଖୁସି ହୋଇଯାଏ ନିଜ ବାପଘର ଛାଡି ଆସିଥିବା ଝିଅଟିଏ। ଘର ପାଖ ଦେଇ ରେଳଗାଡି ଯିବାର ଶବ୍ଦ ଶୁଣିଲେ କିମ୍ବା ରେଳଗାଡିକୁ ଦେଖିଲେ ବାପ ଘର ପାଖରୁ କିଏ ଆସିଲା ପରି ତାକୁ ଲାଗେ। ମନରେ ଉନ୍ମାଦନା ଆସେ। କୋହଭରା ମନରେ ଆଖି ଆପେ ଆପେ ଜକେଇ ଆସେ। ରେଳଲାଇନ୍‌ରେ କୋକାକୋଲା ,ଥମ୍ସଅପ୍ ,ଇତ୍ୟାଦି ମୃଦୁ ପାନୀୟର ଠିପିକୁ ରେଳଧାରଣାରେ ଦେଇ ଚେପା କରିବା ଏବଂ ଚେପା ହେଲା ପରେ ଚକ୍ରୀ ଆକାର ପରି ହୋଇଯିବାପରେ ସୂତା ରେ ବାନ୍ଧି ଘୂରାଇବା। ଏସବୁ ଥିଲା ସେତେବେଳର ନିତିଦିନିଆ ଘଟଣା। ରେଳଯାଇଥିବ ବାଙ୍ଗିରିପୋଷି। ଫେରିବ ଠିକ୍ ପାଖାପଖି ଦିନ ତିନିଟାରେ। ବାରିପଦା ସହରକୁ ରେଳଗାଡିର ପ୍ରବେଶ। କ୍ରମେ ଦାମୋଦରପୁର ବାଙ୍କରୁ ବାୟାଁଯୋଡି ନଦୀର ପୋଲ ଉପରେ ରେଳଗାଡି। ତଳେ ରାମବୁଢାର ଗାଇଗୋଠ। ରେଳ ଗାଡି ଫେରିଲା ମାନେ ଘରକୁ ଫେରିବାର ସମୟ ଉପନୀତ। ଗାଇଗୁଡିକ ମଧ ରେଳଗାଡିର ହର୍ଣ୍ଣ ଶବ୍ଦ ଶୁଣିଲେ ଆପେ ଆପେ ଘରମୁହାଁ ହୋଇଥାନ୍ତି। ସେହି ନଦୀ ପୋଲ ଉପରେ। କହିବାକୁ ଗଲେ ରେଳଗାଡିର ଆସିବା ଏବଂ ଯିବା ସମୟକୁ ନେଇ ଲୋକମାନେ ନିଜ ନିଜ ହାତଘଣ୍ଟାକୁ ମିଳାଇଥାନ୍ତି ଦିନ ଦଶଟା। ରେଳଗାଡିର ବାଙ୍ଗିରିପୋଷିକୁ ଯିବା ସମୟ। କେବେ କେମିତି ସ୍କୁଲ ଛୁଟି ଥିବା ଦିନମାନଙ୍କରେ ରେଳଗାଡି ଗଲାବେଳେ ଆମେ ନଦୀ ରେ ଗାଧୋଉଥାଉ। ରେଳଗାଡିରେ ଯାଉଥିବା ଯାତ୍ରୀମାନଙ୍କୁ ଟାଟା ବାଇ -ବାଇ କରୁ। ସତେ ଯେମିତି ? ସେମାନେ ଆମର ବନ୍ଧୁ -ପରିଜନ। ମାତ୍ର ସତକଥାଟି ହେଲା ସେମାନେ ଆମର କେହି ନୁହନ୍ତି। କେବଳ ରେଳଯାତ୍ରୀ। ରେଳଗାଡି ସହ ଆମର ଆତ୍ମିୟତାର ସମ୍ପର୍କରେ ସେମାନେ ମଧ ନିଜର ପରି ମନେ ହୁଅନ୍ତି।

***ମୟୂରଭଞ୍ଜ, ବାରିପଦା***

# କ'ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?



ମୌଲାନା ଫଜଲ ହକ ଖାଁ

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩। ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି। ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି। ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ। ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ। ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା। ସତରେ କ'ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃଘଟଣା ତ କେଉଁଠି ବିପଦ ଆପଦ। ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା। କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ। ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ। ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ। ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି। ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି। ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି। ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି। ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି। ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି। ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା। କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ। କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି। ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ। ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା। ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି। ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି। ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳୀନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି। ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି। ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ। ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ। ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ। ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍‌ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ। ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ। ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ। (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଲୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; "ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍" ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ। (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି। ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି। ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା। ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା। ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା। ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା। ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା। ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା। ଏବଂ ମାନବ ଜାତିର ସେବା କରିବା।



ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା।

***ଭୁବନେଶ୍ୱର, ୟୁନିଟ-୪***
***ଦୂରଭାଷ:୯୬୯୨୨୨୫୦୫୭***



### ୫-ଟି ସଚିବଙ୍କ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିଦର୍ଶନ

# ବିଶ୍ୱବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ସ୍ଥାନୀୟ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିଦର୍ଶନ କରି ସେଠାରେ ୫-ଟି ରୂପାନ୍ତର କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ଅନେକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହାସହିତ ସେଠାରେ ପଢୁଥିବା ଥିବା ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ। ପ୍ରଥମେ ଶ୍ରୀ ପାଣ୍ଡିଆନ ନିର୍ମାଣାଧୀନ ଅତ୍ୟାଧୁନିକ ଅଡିଟୋରିଅମ କାମ ବୁଲି ଦେଖିଥିଲେ। ୧୦୦୦ ଆସନ ବିଶିଷ୍ଟ ଏହି ଅଡିଟୋରିଅମର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୩ ସୁଦ୍ଧା ଶେଷ ହେବ ବୋଲି ସେ କହିଥିଲେ। ଏହି ଅତ୍ୟାଧୁନିକ ଅଡିଟୋରିଅମ ଦେଶର ସବୁଠାରୁ ବଡ ଅଡିଟୋରିଅମ ହେବ ଏବଂ କୃଷି ଶିକ୍ଷା କ୍ଷେତ୍ରରେ ରାଜ୍ୟ ଠାରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କର୍ମଶାଳା ଓ କନ୍ଫରେନ୍ସର ଆୟୋଜନ କରାଯାଇ ପାରିବ। ଓୟୁଏଟିର ସବୁ କ୍ଲାସରୁମ କୁ ସ୍ମାର୍ଟ କରାଯିବ। କୃଷି ବିଶ୍ୱବିଦ୍ୟାଳୟକୁ ଜାତୀୟସ୍ତରର ଏକ ଅଗ୍ରଣୀ ଶିକ୍ଷା ଓ ଗବେଷଣା ଅନୁଷ୍ଠାନରେ ପରିଣତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ସୂଚନାଯୋଗ୍ୟ ଯେ କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢୀ ଓ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭିକେ ପାଣ୍ଡିଆନ ଉଭୟ ହେଉଛନ୍ତି କୃଷି ବିଜ୍ଞାନର ଛାତ୍ର। ଏହାପରେ ସେ ୨୦୦ ଆସନ ବିଶିଷ୍ଟ କୃଷକ ହଷ୍ଟେଲର ନବୀକରଣ କାମ ବୁଲି ଦେଖିଥିଲେ। କୃଷି ସଂପର୍କିତ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା କୃଷକମାନେ ଏହି ହଷ୍ଟେଲରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୩ ସେପ୍ଟେମ୍ବର ମାସ ସୁଦ୍ଧା ଏହାର ନବୀକରଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ସମୀକ୍ଷାରୁ ଜଣାଯାଇଛି। କୃଷି ବିଶ୍ୱବିଦ୍ୟାଳୟର ଛାତ୍ରାବାସ କାମ ମଧ୍ୟ ଶ୍ରୀ ପାଣ୍ଡିଆନ ଅନୁଧ୍ୟାନ କରିଥିଲେ। ଏଥିରେ ୫୦୦ ଛାତ୍ର ରହିବାର ବ୍ୟବସ୍ଥା କରାଯାଉଛି। ଡିସେମ୍ବର ୨୦୨୩ ସୁଦ୍ଧା ଏହାର ନିର୍ମାଣ କାମ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପରିଶେଷରେ ସେ ଛାତ୍ରୀନିବାସର ନବୀକରଣ କାର୍ଯ୍ୟ ବୁଲି ଦେଖିଥିଲେ ଏବଂ ଛାତ୍ରୀ ମାନଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ। ଛାତ୍ରୀନିବାସର ଉନ୍ନତିକରଣ କାର୍ଯ୍ୟ ଖୁବ ଭଲ ହେଉଛି ବୋଲି ଛାତ୍ରୀମାନେ ମତ ଦେଇଥିଲେ। ଛାତ୍ରୀ ନିବାସରେ ବେଡମିଣ୍ଟନ କୋର୍ଟ ଓ ଜିମ୍ ସୁବିଧାର ବିକାଶ ପାଇଁ ସେ ମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ ବୋଲି ୫ଟି ସଚିବ ଛାତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢୀ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ଭି.ଭି.କେ. ଯାଦବ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଓ ଓୟୁଏଟିର କୁଳପତି ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ହକି ରାଜଧାନୀ ଓଡ଼ିଶା



**ଭୁବନେଶ୍ୱର :** ହକି ବିଶ୍ୱକପ୍‌ର ସଫଳ ଆୟୋଜନ ସାରା ବିଶ୍ୱରେ ଓଡ଼ିଶାକୁ କରିଛି ପ୍ରଶଂସିତ। କ୍ରୀଡ଼ା ଆୟୋଜକ, କ୍ରୀଡ଼ା ସଂସ୍ଥା ଓଡ଼ିଶାକୁ ପ୍ରଶଂସାରେ ପୋତି ପକାଇଛନ୍ତି। ହକି ବିଶ୍ୱକପ୍ -୨୦୨୩ର ଆୟୋଜନକୁ ବିଶ୍ୱ ହକି ସଙ୍ଗଠନ ସର୍ବକାଳୀନ ଶ୍ରେଷ୍ଠ ଆୟୋଜନ କହିବା ପରେ ଓଡ଼ିଶା ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ନିଜର ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି। କ୍ରୀଡ଼ା ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ରାଉରକେଲାରେ ନିର୍ମାଣ କରିଥିବା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌କୁ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ୍‌ର ମାନ୍ୟତା ଦେଇଛି ଏଫ୍ଆଇଏଚ୍। ଏପରିକି ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ଼ ରେକର୍ଡ଼ରେ ବିର୍ସାମୁଣ୍ଡା ଷ୍ଟାଡ଼ିୟମ ନାମ ଦରଜ ହୋଇଛି। ଅନ୍ୟପକ୍ଷରେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥିବା ଅନ୍ତର୍ଜାତୀୟ ହକି ଖେଳାଳିମାନେ ବିଶ୍ୱକପ୍‌ର ଆୟୋଜନ ଓ ଓଡ଼ିଶାର ଆତିଥ୍ୟକୁ ନେଇ ଶତମୁଖ। ଏହି ପରିପ୍ରେକ୍ଷୀରେ ଲଗାତାର ଦୁଇ ଥର ହକି ବିଶ୍ୱକପ୍ ଆୟୋଜକ ହେବାର ସୌଭାଗ୍ୟ ଅର୍ଜନ କରିଥିବା ଓଡ଼ିଶା ଆଗାମୀ ଦିନରେ ଦେଶରେ ହକି ରାଜଧାନୀରେ ପରିଣତ ହେବାକୁ ଯାଉଛି ବୋଲି କ୍ରୀଡ଼ା ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ୨୦୨୩ ହକି ବିଶ୍ୱକପ୍ ଆୟୋଜନ ଅଭୂତପୂର୍ବ ବୋଲି ସ୍ୱୀକାର କରିଛନ୍ତି ଏଫ୍ଆଇଏଚ୍ ସଭାପତି ତୟାବ ଇକ୍ରାମ। ସେ କହିଛନ୍ତି ଯେ ଏଭଳି ଏକ ବିଶ୍ୱକପ୍ ପୂର୍ବରୁ କେବେ ଆୟୋଜନ ହୋଇନାହିଁ। ଓଡ଼ିଶାର ସରକାର ରାଜ୍ୟରେ ଅନେକ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି। ଏଣୁ ଏହାର ବିନିଯୋଗ ଉପରେ ରାଜ୍ୟ ସରକାରଙ୍କର ସହଯୋଗରେ ବଡ଼ ବଡ଼ ହକି ଟୁର୍ଣ୍ଣାମେଣ୍ଟ ଓଡ଼ିଶାରେ ଆୟୋଜନ କରାଯିବ। ଏନେଇ ଓଡ଼ିଶା ସରକାରଙ୍କ ସହ ଏଫ୍ଆଇଏଚ୍ ବିସ୍ତୃତ ଆଲୋଚନା କରିବ। ଓଡ଼ିଶାଠାରୁ ଆମକୁ ଅନେକ ଶିକ୍ଷା ମିଳିଛି। ଆଗାମୀ ଦିନରେ ସାରା ଦେଶରେ ଓଡ଼ିଶା ମଡେଲ୍ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେବୁ। ଏଫ୍ଆଇଏଚ୍‌ର ଏଭଳି ପ୍ରତିଶ୍ରୁତି ଓଡ଼ିଶା ହକି କ୍ରୀଡ଼ାର ଭାଗ୍ୟ ବଦଳାଇଦେବ ବୋଲି କୁହାଯାଉଛି। ହକି ଭିତ୍ତିଭୂମି ଉପରେ ଯଥେଷ୍ଟ ଅର୍ଥ ନିବେଶ ରାଜ୍ୟ ସରକାରଙ୍କ ଦୂରଦର୍ଶିତାକୁ ପ୍ରଦର୍ଶିତ କରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଶ୍ୱକପ୍ ଶେଷ ହେବା ପରେ ହକି କ୍ରୀଡ଼ା ଭିତ୍ତିଭୂମିଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇଯିବ ବୋଲି ଆଶଙ୍କା କରୁଥିବା ସମାଲୋଚକଙ୍କ ମୁହଁ ବି ବନ୍ଦ କରି ଦେଇଛି ବିଶ୍ୱ ହକି ସଙ୍ଗଠନ। ଓଡ଼ିଶାରେ ବିଶ୍ୱସ୍ତରୀୟ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଲେ ନିର୍ମାଣ ହୋଇଥିବା ଭିତ୍ତିଭୂମି ବ୍ୟବହାର ଉପଯୋଗୀ ହୋଇ ରହିବ।

# ରାଧା: ଏ ସାଗା ଅଫ୍ ବାରେନ୍ ବ୍ଲିସ୍ ଉନ୍ମୋଚନ

**ଭୁବନେଶ୍ୱର :** 'ଲେଖାଲେଖି' ପ୍ରକାଶିତ ବରିଷ୍ଠ କବି ବିଜୟ କୁମାର ତ୍ରିପାଠୀଙ୍କ କବିତା ସଂକଳନ ଶୂନ୍ୟ ସୀମନ୍ତିନୀ ରାଧାର ଇଂରାଜୀ ଅନୁବାଦ 'ରାଧା: ଏ ସାଗା ଅଫ୍ ବାରେନ୍ ବ୍ଲିସ୍' ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ମହାସମାରୋହରେ ଉନ୍ମୋଚିତ ହୋଇଯାଇଛି। ଏହାର ଅନୁବାଦିକା ଇପସିତା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶରେ ବିଶିଷ୍ଟ ଲେଖକବୃନ୍ଦ ଯଥା ଫନୀ ମହାନ୍ତି, ବଂଶୀଧର ଷଡ଼ଙ୍ଗୀ, ପରେଶ ପଟ୍ଟନାୟକ, ସହଦେବ ସାହୁ, ମମତା ଦାଶ, ନିରଞ୍ଜନ ଜେନା, ଯଶୋବନ୍ତ ସାମଲ, ସୂର୍ଯ୍ୟ ମିଶ୍ର, କବି ସତ୍ୟାନାଶ, ଲିଙ୍ଗରାଜ ରଥ, ବିଜନବାଳା ପଟ୍ଟଯୋଶୀ, ମୌ।ସୁମୀ ଦାସ, ଲକ୍ଷ୍ମୀ ଚାନ୍ଦ, ନିରାକାର ଦାସ, ଧନଞ୍ଜୟ ସ୍ୱାଇଁ,ବିପିନ ମହାନ୍ତି,ସୁଦାମବନ୍ଧୁ ଭଟ୍ଟମିଶ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଓ କବିତା ପାଠ କରିଥିଲେ। ପ୍ରାରମ୍ଭରେ ପୁସ୍ତକର ରଚୟିତା ବିଜୟ କୁମାର ତ୍ରିପାଠୀ ଲେଖକୀୟ ଅଭିବ୍ୟକ୍ତି ଓ ଅନ୍ୟତମ ଅନୁବାଦକ ହରେକୃଷ୍ଣ ଦାସ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ପ୍ରକାଶକ ପ୍ରଦୀପ୍ତ କୁମାର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟବସାୟୀ ସଂଘ ସଭାପତି ହେଲେ ବରିଷ୍ଠ ସାମ୍ବାଦିକ ତାରକ ମହାନ୍ତି



**ଭୁବନେଶ୍ୱର:** ନୀଳାଦ୍ରି ବିହାର ସେକ୍ଟର-୧ ଓ ତାରିଣୀ ହାଟ ପର୍ଯ୍ୟନ୍ତ ଥିବା ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘର ସଭାପତି ଭାବେ ନିର୍ବାଚିତ ହେଲେ ବରିଷ୍ଠ ସାମ୍ବାଦିକ, କବି ତାରକ ମହାନ୍ତି। ଏହି ସାଧାରଣ ସଭାରେ ସମସ୍ତ ସଦସ୍ୟ ଯୋଗଦେଇ ଏଭଳି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଶ୍ରୀ ମହାନ୍ତି ଦୀର୍ଘ ୧୦ବର୍ଷ ପୂର୍ବରୁ ବଜାର ପରିଚାଳନା କରୁଥିଲେ। ଏହି ବୈଠକରେ ଏକ ଏଗାରଜଣିଆ କମିଟି ଗଠନ ପରେ ପୂର୍ବତନ ସଭାପତି ପ୍ରଭାତ କୁମାର ପଟ୍ଟନାୟକ ଏବଂ ସମ୍ପାଦକ ତାପସ କୁମାର ସାହୁ ଘୋଷଣା କରିଥିଲେ କି ତାରକ ମହାନ୍ତି ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ ସଭାପତି ଭାବେ ମନୋନୀତ ହେଲେ। ଏହାପରେ ଉପସ୍ଥିତ ସଂଘ ସଦସ୍ୟ ଓ ପରିଚାଳନା କମିଟି ଏହାକୁ ଅନୁମୋଦନ କରିବା ପରେ ଶ୍ରୀ ମହାନ୍ତି ସଭାପତି ଭାବେ ଘୋଷିତ ହୋଇଥିଲେ। ଏଥିରେ କମିଟିର ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ନାୟକ,କାଳନ୍ଦୀ ଚରଣ ଦାଶ, ତାପସ କୁମାର ସାହୁ, ହିମାଂଶୁ ଶେଖର ସାହୁ, ସୁଶାନ୍ତ କୁମାର ରଥ, ଦ୍ୱିତୀକୃଷ୍ଣ ପଣ୍ଡା, ବାବୁଲି ନାୟକ, ସୁଶାନ୍ତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ରତିକାନ୍ତ ମହାନ୍ତି ପ୍ରମୁଖ ସଭା ପରିଚାଳନା କରିଥିଲେ। ପରିଶେଷରେ ପଂକ୍ତି ଭୋଜନ ଆୟୋଜନ କରାଯାଇଥିଲା।

# ବଦଳିଲା ଓଡ଼ିଶା ଅଗ୍ନିଶମ ବିଭାଗ ନାମ



**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ପକ୍ଷରୁ 'ଓଡ଼ିଶା ଅଗ୍ନିଶମ ସେବା'ର ନାମ ବଦଳାଯାଇ ନୂଆ ନାମ କରଣ କରାଯାଇଛି। ଅଗ୍ନିଶମ ବିଭାଗର ନୂଆ ନାମ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଭାବେ ନାମିତ କରାଯାଇଛି। ଏଣିକି ଏହି ବିଭାଗ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ବିଭାଗ ଭାବେ ବିବେଚିତ ହେବ। ଏନେଇ ବିଧିବଦ୍ଧ ଭାବେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ୧୯୪୨ ମସିହା ମାର୍ଚ୍ଚ ୧ରେ ପ୍ରତିଷ୍ଠା ହୋଇଥିବା 'ଓଡ଼ିଶା ଅଗ୍ନିଶମ ସେବା' ବିଭାଗ ବହୁ ଉଲ୍ଲେଖନୀୟ କାମ କରି ପ୍ରଂଶସିତ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅଘଟଣ ସମୟରେ ଏହି ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ନିୟୋଜିତ ହୋଇଥାନ୍ତି। ବନ୍ୟା, ବାତ୍ୟା ତଥା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଗ୍ନିକମାନେ ଯୁଦ୍ଧକାଳୀନ ଭିତ୍ତିରେ ନିୟୋଜିତ ହୋଇ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଥାନ୍ତି।


# ମହାତ୍ମାଗାନ୍ଧୀଙ୍କ ଶ୍ରାଦ୍ଧୋଦିବସ ପାଳିତ



**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ସତ୍ୟର ପୂଜାରୀ ଓ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟୱାରୀ ଜଗତସିଂହପୁର ଥାନା ପରିସର ଓ ଗାନ୍ଧୀ ଛକଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଉତ୍ସବରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ପ୍ରାଣ ହରାଇଥିବା ସହୀଦ ମାନଙ୍କୁ ସ୍ମରଣ କରିବାପାଇଁ ଆଜିର ଏହି ଦିବସକୁ ସହିଦ୍ ଦିବସ ଭାବେ ପାଳନ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦିନ ୧୧ ଘଟିକାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ପାରୁଲ ପଟୱାରୀ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ୨ମିନିଟ୍ ଧରି ନୀରବ ପ୍ରାର୍ଥନା କରିଥିଲେ।

# ମୁକ୍ତା ଯୋଜନାକୁ ଅନ୍ତର୍ଜାତୀୟ ମାନ୍ୟତା

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାକୁ ମିଳିଲା ଆନ୍ତର୍ଜାତୀୟ ମାନ୍ୟତା। ବିଶ୍ୱ ସମ୍ବଳ ସଂସ୍ଥା ବା ଡବ୍ଲୁଆର୍‌ଆଇ ପକ୍ଷରୁ ମୁକ୍ତା ଯୋଜନାର ସଫଳ ରୁପାୟନ ନେଇ ପୁରସ୍କୃତ କରାଯାଇଛି। ନିୟୁର୍କ ସିଟିର ଫୋର୍ଡ ଫାଉଣ୍ଡେସନ ସେଣ୍ଟର ଫର ସୋସିଆଲ ଜଷ୍ଟିସରେ ଆୟୋଜିତ ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାତନନ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀତାରେ ୬୫ଟି ଦେଶର ୧୫୫ଟି ସହରରୁ ୨୬୦ଟି ଆବେଦନ ଆସିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ୫ଟି ପଦକ୍ଷେପ ଅନ୍ତର୍ଗତ ଏହି ସହରୀ କର୍ମ ନିଯୁକ୍ତି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ୨୦୨୧-୨୦୨୨ ବିଶ୍ୱ ସମ୍ବଳ ପ୍ରତିଷ୍ଠାନର ଅନ୍ୟତମ ବିଜେତା ଭାବରେ ମନୋନୀତ ହୋଇ (ଡବ୍ୟୁଆରଆଇ), ସହରଗୁଡିକ ପାଇଁ ରସ୍ କେନ୍ଦ୍ର ପୁରସ୍କାର ହାସଲ କରିଛି। ଫେବୃଆରୀ ୧ ତାରିଖରେ ନ୍ୟୁୟର୍କ ସହରର ଫୋର୍ଡ ଫାଉଣ୍ଡେସନ ସେଣ୍ଟର ଫର ସୋସିଆଲ ଜଷ୍ଟିସରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେତା ଘୋଷିତ ହୋଇଥିଲା। ନ୍ୟୁୟର୍କରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥି ଭାଥନନ୍ ଏହି ଆନ୍ତର୍ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି। ବିଭାଗର ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ପୁରସ୍କାର ଗ୍ରହଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏକ ଆନ୍ତର୍ଜାତୀୟ ଜୁରି ଦଳ ଏହି ପୁରସ୍କାର ପ୍ରତିଯୋଗିତାରେ ୬୫ ଟି ଦେଶର ୧୫୫ ଟି ସହରରୁ ଆସିଥିବା ୨୬୦ ଟି ଆବେଦନ ମଧ୍ୟରୁ ମୁକ୍ତାକୁ ବିଜେତା ଭାବରେ ଚୟନ କରିଛନ୍ତି। ସହରଗୁଡିକ ପାଇଁ ପୁରସ୍କାର ହେଉଛି 'ଡବ୍ଲୁଆରଆଇ' ର ସହରୀ ରୂପାନ୍ତରଣ ପୁରସ୍କାର, ଯାହାକି ବିଶ୍ୱବ୍ୟାପି ଅଧିକ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସହର ସୃଷ୍ଟି କରୁଥିବା ଅଗ୍ରଣୀମାନଙ୍କୁ ସ୍ୱୀକୃତି ପ୍ରଦାନ କରେ। ଅନିଶ୍ଚିତତା, ବ୍ୟାଘାତ ଏବଂ ସଙ୍କଟର ମୁକାବିଲା ପାଇଁ ସହରାଞ୍ଚଳର ଗରିବ, ଅନୌପଚାରିକ ତଥା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରି ମୁକ୍ତା ଏହି ପୁରସ୍କାର ହାସଲ କରିଛି। କଠିନ ସମୟରେ ବଞ୍ଚିବା ଏବଂ ତିଷ୍ଠି ରହିବା ପାଇଁ ଏକ ପ୍ରଣାଳୀ ଭାବରେ ମୁକ୍ତାକୁ ସ୍ୱୀକୃତି ମିଳିଛି। ବର୍ତ୍ତମାନ ସୁଦ୍ଧା ଓଡିଶାର ୧୧୪ ଟି ସହରରେ ୭ ଲକ୍ଷ ସହରୀ ଗରିବ ଏବଂ ପ୍ରବାସୀ ଶ୍ରମିକ ୨୦୮ କୋଟି ଟଙ୍କା ମୂଲ୍ୟର ୨୨,୫୦୦ ଗୋଷ୍ଠି ସ୍ତରୀୟ ବିକାଶ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ଯେଉଁଥିରେ ପକ୍କା ସଡକ, ଡ୍ରେନ୍, ବର୍ଷା ଜଳ ଅମଳ, କମ୍ୟୁନିଟି ସେଣ୍ଟର, ବୃକ୍ଷରୋପଣ, ଜଳାଶୟ ପୁନରୁଦ୍ଧାର ଏବଂ ସର୍ବସାଧାରଣ ସ୍ଥାନ ଆଦିର ବିକାଶ କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ୫୩୬୮ ମିଶନ୍ ଶକ୍ତି ଗୋଷ୍ଠୀ ଏବଂ ୪୩୮ ବସ୍ତି ବାସିନ୍ଦା ସଙ୍ଗଠନ ମଧ୍ୟ ଓଡିଶା ସରକାରଙ୍କ ଏହି ଉଚ୍ଚାଭିଳାଷୀ ଯୋଜନା ଅଧୀନରେ କାର୍ଯ୍ୟକାରୀ ସହଭାଗୀ ଭାବରେ ନିୟୋଜିତ ହୋଇଛନ୍ତି। ଠିକାଦାରମାନଙ୍କୁ ନିୟୋଜିତ କରିବା ପରିବର୍ତ୍ତେ ମିଶନ ଶକ୍ତି ଗ୍ରୁପ୍ ଏବଂ ବସ୍ତି ବାସିନ୍ଦାଙ୍କୁ କାର୍ଯ୍ୟ ଦାୟିତ୍ୱ ଦେବା ପାଇଁ ଓଡ଼ିଶା ରାଜ୍ୟରଙ୍କ ପଦକ୍ଷେପ ସ୍ୱରୂପ ମୁକ୍ତା ଯୋଜନାକୁ ପ୍ରଶଂସା କରାଯାଇଛି। ଏହି ଯୋଜନା ଏକ ସମାନ ଢଙ୍ଗରେ ଗୋଷ୍ଠି ସ୍ତରୀୟ ନାଗରିକ ସୁବିଧା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଭାରତ ସରକାର ମଧ୍ୟ ଓଡିଶା ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି ଏବଂ ଓଡିଶାର ମୁକ୍ତା ମଡେଲକୁ ଅନ୍ୟ ରାଜ୍ୟମାନଙ୍କରେ କାର୍ଯ୍ୟକାରୀ ଲାଗି ସୁପାରିଶ କରିଛନ୍ତି। ଏଥିରୁ ଶିକ୍ଷାଲାଭ କରି ଝାଡଖଣ୍ଡ, ହିମାଚଳ ପ୍ରଦେଶ, ରାଜସ୍ଥାନ ଏବଂ ତାମିଲନାଡୁ ସହରାଞ୍ଚଳରେ ଥିବା ଗରିବ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ଓଡିଶାର ମୁକ୍ତା ଢାଞ୍ଚାରେ ସେମାନଙ୍କ ସହରରେ ମଜୁରୀ ନିଯୁକ୍ତି ଯୋଜନା ଘୋଷଣା କରିଛନ୍ତି।








N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286





PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


# ବଲ ବ୍ୟାଡମିଣ୍ଟନ ଖେଳାଳିଙ୍କୁ ସମ୍ବର୍ଦ୍ଧନା



**କଟକ :** ଗତମାସ ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରସ୍ଥିତ ସାରଙ୍ଗଧର ଷ୍ଟାଡିୟମରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଏବଂ ଢେଙ୍କାନାଳ ଜିଲ୍ଲା କ୍ରୀଡ଼ା ସଂଘଠନ ମିଳିତ ଅନୁକୂଲ୍ୟରେ ସମୂହ ବଲ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ କଟକ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ୧୭ ବର୍ଷରୁ କମ ବାଳିକା ଦଳ ବିଜେତା ଏବଂ ବାଳକ ଦଳ ଉପବିଜେତା ହୋଇଥିବା ବେଳେ ୧୪ ବର୍ଷରୁ କମ ବାଳକ ଦଳ ବିଜେତା ଏବଂ ବାଳିକା ଦଳ ଉପବିଜେତା ହୋଇଛନ୍ତି। କଟକ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ବିଜେତା ଏବଂ ଉପ ବିଜେତା ସମସ୍ତ ଖେଳାଳିମାନଙ୍କୁ କଟକ ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ସହ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସୋନାମିକା ରାୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଟକ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ ସମସ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡ଼ା ଶିକ୍ଷକ ସୌଭାଗ୍ୟ କୁମାର ପଟ୍ଟନାୟକ, ପାର୍ଥ ସାରଥି ଦାସ,ଅନନ୍ୟା ବାରିକ, ଶୁଭଶ୍ରୀ ସାହୁ, ଅଞ୍ଜଳି ଦାସ, ଲିଙ୍ଗରାଜ ପୃଷ୍ଟି,କଟକ ଜିଲ୍ଲା ବଲ ବ୍ୟାଡ ମିଣ୍ଟନ ସଙ୍ଘ ସମ୍ପାଦକ ଅଜୟ କୁମାର ସାହୁ, ରବୀନ୍ଦ୍ର ନାଥ ପଣ୍ଡା, ଏସଡି ରେହେମାନ ପ୍ରମୁଖ ଉପସ୍ଥିତ ଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି